## ସଂକ୍ଷେପରେ

### ଟ୍ରକ୍‌ରୁ ଟାଣିନେଇ ଚାଳକଙ୍କୁ ଆକ୍ରମଣ

**ପାଣିକୋଇଲି,୩।୧(ବିକାଶ ମଲ୍ଲିକ):** ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତ ହାଟସାହି ଚାରି ଛକରେ ଟ୍ରକ୍ ରଖି ଚାଳକ ଶୋଇଥିବାବେଳେ ତାଙ୍କୁ କାର୍‌ରେ ଅପହରଣ କରି ନେଇ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା ନଂ. ୨/୨୪ ରୁଜୁ କରି ତଦନ୍ତ ଚଳାଇଛି। ଯାଜପୁରରୋଡ ଥାନା ଅନ୍ତର୍ଗତ ଖପୁରିଆ ପଦା ଗ୍ରାମର ସୁରେଶ ମଲିକଙ୍କ ଅଭିଯୋଗ ମୁତାବକ ସେ ହାଟସାହି ଚାରି ଛକରେ ରାତିରେ ଟ୍ରକ୍ ରଖି ଶୋଇଥିଲେ। ହଠାତ କେତେଜଣ ଲୋକ ଆସି ଟ୍ରକର ଡୋର ବାଡେଇଥିଲେ। ସୁରେଶ ଡୋର ଖୋଲି ଦେଖିବାବେଳକୁ ଟିକର ଗ୍ରାମର ନଣ୍ଡା ମହାପାତ୍ର, ସୁବଳ ମହାପାତ୍ର କିଛି ବ୍ୟକ୍ତିଙ୍କ ସହ ଆସି ତାଙ୍କୁ ଗାଳିଗୁଲଜ କରିବା ସହିତ ମାଡମାରି ଏକ କାର୍(ଓଡି-୦୫-ଏନ-୨୨୨୧)ରେ ଟିକର ହନୁମାନ ପାଖକୁ ନେଇ ଯାଇଥିଲେ। ସେଠାରେ ତାଙ୍କୁ ଅଟକ ରଖି ଗ୍ରାମାବସୀଙ୍କୁ ମାଡମାରିବ। ତମ ଘର ଲୋକଙ୍କୁ ଡାକ ବୋଲି କହିଥିଲେ। ହେଲେ ସେ ଏଠାକାର ଲୋକ ନୁହେଁ, ତାଙ୍କ ଭଉଣୀ ଘର ହାଟସାହି ବୋଲି ସୁରେଶ କହିଥିଲେ। ହେଲେ ସେମାନେ ଭିଣୋଇଙ୍କୁ ଡାକ ବୋଲି କହିଥିଲେ। ଫଳରେ ସୁରେଶ ତାଙ୍କ ଭିଣୋଇ ଉତ୍ତମ ମଲିକଙ୍କୁ ଫୋନ କରି ଡାକିଥିଲେ। ଉତ୍ତମ ପହଞ୍ଚିବାରୁ ତାଙ୍କୁ ମଧ୍ୟ ମାରଧର କରିଥିଲେ। ଦୁଇ ଜଣଙ୍କୁ ସେଠାରେ ଅଟକ ରଖି କିଛି ଲୋକ ହାଟସାହି ଆସି ଗ୍ରାମରେ ପଶି ଗାଳିଗୁଲଜ କରିଥିଲେ। ଫଳରେ ଗ୍ରାମବାସୀ ପୋଲିସକୁ ଫୋନ କରି ଡାକିଥିଲେ। ଏହାପରେ ଅଭିଯୁକ୍ତମାନେ ସେଠାରୁ ପଳାଇଥିଲେ।

### ବେଆଇନ ଟ୍ରେନ୍ ଟିକେଟ କାଟି ଯୁବକ ଅଟକ

**ସିଂହପୁର,୩।୧(ଅନଙ୍ଗ ଉଦୟ ବେଉରିଆ):** ବିଞ୍ଝାରପୁର ଥାନା ଅନ୍ତର୍ଗତ ସିଂହପୁର ବଜାରର ଜଣେ ଦୋକାନୀ ନିଜ ଆଇଡିରୁ ବାରମ୍ବାର ଟ୍ରେନ ଟିକେଟ କାଟି ଅଡୁଆରେ ପଡ଼ିଛନ୍ତି। ଇନ୍ସପେକଟର ଏକେ ସିଂଙ୍କ ନିର୍ଦ୍ଦେଶକ୍ରମେ ସବ୍‌ଇନ୍ସପେକ୍ଟର ଚନ୍ଦନ ତିୱାରୀଙ୍କ ସହିତ ଏକ ଟିମ୍ ବୁଧବାର ସିଂହପୁର ବଜାରରେ ଚଢ଼ାଉ କରି ବେଆଇନ ଟ୍ରେନ ଟିକେଟ କାଟିବା ଅଭିଯୋଗରେ ତାଙ୍କ କମ୍ପ୍ୟୁଟର ଜବତ କରିବା ସହିତ ତାଙ୍କୁ ଯାଜପୁର ରୋଡ ନେଇ ଅଧିକ ତଥ୍ୟ ସଂଗ୍ରହ କରୁଛନ୍ତି।

### ରାମମନ୍ଦିର ଅକ୍ଷତ କଳସକୁ ସ୍ୱାଗତ

**କୋରେଇ,୩।୧(ଚନ୍ଦ୍ରକାନ୍ତ ପତି):** ଅଯୋଧ୍ୟାରେ ନିର୍ମାଣାଧୀନ ଭବ୍ୟ ଶ୍ରୀରାମଙ୍କ ମନ୍ଦିର ପ୍ରତିଷ୍ଠା ପାଇଁ ସନାତନ ଧର୍ମୀ ଜନମାନସକୁ ନିମନ୍ତ୍ରଣ ଲାଗି ଆସିଥିବା ଅକ୍ଷତ କଳସକୁ କୋରେଇର ବିଭିନ୍ନ ପଞ୍ଚାୟତରେ ସ୍ୱାଗତ କରାଯାଇଛି। ପ୍ରଥମେ ଜହ୍ନା ପଞ୍ଚାୟତର ହନୁମାନ ମନ୍ଦିର ନିକଟରେ କଳସକୁ ପୂଜାର୍ଚ୍ଚନା କରାଯାଇ କୀର୍ତ୍ତନ ସହ ଗାଁ ପରିକ୍ରମା କରି ସ୍ୱାଗତ କରାଯାଇଥିଲା। ସେହିପରି ଅସନଝର ପଞ୍ଚାୟତର ରଘୁପୁର ଗ୍ରାମ ପରିକ୍ରମା କରାଯାଇ ରଘୁନାଥ ଜୀଉ ମନ୍ଦିର ପରିସରରେ କଳସକୁ ସ୍ୱାଗତ କରାଯାଇଥିଲା। ସେଠାରୁ ଅସନଝର, ରଣପରୁ, କନ୍ତର, ଗୌରପୁର ଓ କାଚରାସାହିର ପ୍ରତିନିଧିମାନେ ଗ୍ରହଣ କରିଥିଲେ। ଧନେଶ୍ୱର ଗ୍ରାମରେ ମଧ ଠାକୁରବାଡ଼ିରୁ ପୂଜାର୍ଚ୍ଚନା କରି ସଙ୍କୀର୍ତ୍ତନ ସହ ଗ୍ରାମ ପରିକ୍ରମା ପରେ ପ୍ରତ୍ୟେକ ଘରେ ଅକ୍ଷତ, ପ୍ରଭୁଶ୍ରୀରାମଙ୍କ ଫୋଟ, ନିମନ୍ତ୍ରଣ ପତ୍ର ବଣ୍ଟନ କରାଯାଇଥିଲା। ଏହିପରିଭାବେ କୋରେଇର ସମସ୍ତ ଗାଁରେ ଏହି କାର୍ଯ୍ୟକ୍ରମ ଚାଲିବା ସହିତ ଆଗାମୀ ଜାନୁଆରୀ ୨୨ ତାରିଖ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ପ୍ରତ୍ୟେକ ଘରେ ଦୀପ ଜାଳିବା ଏବଂ ପ୍ରତ୍ୟେକ ମନ୍ଦିରରେ ପୂଜାର୍ଚ୍ଚନା କରି ଏକ ଦିବ୍ୟ କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ସୂଚନା ମିଳିଛି। କାର୍ଯ୍ୟକ୍ରମରେ କୋରେଇ ଭାଜପାନେତା ବିଶ୍ୱଜିତ ନାୟକ, ଯୁବନେତା ବିକ୍ରମ ବିଶ୍ୱାଳ, ଅମିୟ ବିଶ୍ୱାଳ, ସଦାନନ୍ଦ ବେହେରା, ପ୍ରଭାସ ବେହେରା, ଦେବେନ୍ଦ୍ର ପାଢ଼ୀ, ବସନ୍ତ ନାୟକ, ରାଜୀବ ରାଉତ, ଦିଲୀପ ବିଶ୍ୱାଳ, ବିଦ୍ୟାଧର ସାହୁ, ପପୁନା ସାହୁ ଓ ଜଡ଼ା ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଆଧୁନିକ ନୃତ୍ୟ ଦର୍ଶକଙ୍କ ମନ ଜିଣିଲା

### ୧୬ତମ କୁଆଖିଆ ମହୋତ୍ସବର ଦ୍ୱାଦଶ ସନ୍ଧ୍ୟା



ମହୋତ୍ସବ ମଞ୍ଚରେ କଳାକାରଙ୍କ ନୃତ୍ୟ ପ୍ରଦର୍ଶନ।

**ରସୁଲପୁର,୩।୧(ରଞ୍ଜିତ ରାଉତ):** ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ଲକ୍ଷ୍ମୀନାରାୟଣ ଉତ୍ସବର ୧୯ତମ ଦିବସ ଓ ୧୬ତମ କୁଆଖିଆ ମହୋତ୍ସବର ଦ୍ୱାଦଶ ସନ୍ଧ୍ୟା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ସନ୍ଧ୍ୟାରେ ମହୋତ୍ସବ ମଞ୍ଚରେ ଆଧୁନିକ ନୃତ୍ୟ ଦର୍ଶକମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା। ମା'ବୁଢ଼ୀ ବାଶୁଳେଇ ନାଟ୍ୟ ସଂସଦ ଓରାଳି ପକ୍ଷରୁ 'କଂସେଇଖାନା' ନାଟକ ପରିବେଷଣ କରାଯାଇଥିଲା। ଯୁବ କଳାକାରମାନଙ୍କର ନିଖୁଣ ଅଭିନୟ ଯାତ୍ରା ପ୍ରେମୀଙ୍କର ମନକୁ ବେଶ୍ ପ୍ରଭାବିତ କରିଥିଲା। ମହୋତ୍ସବ ମଞ୍ଚରେ ଯାଜପୁର ଜିଲାର ପ୍ରତିଷ୍ଠିତ ଡ୍ୟାନ୍ସ ଗ୍ରୁପ୍ ଡି.ଏ.ବି ପକ୍ଷରୁ ପରିବେଶିତ ଆଧୁନିକ ନୃତ୍ୟ ଅତ୍ୟନ୍ତ ପ୍ରଶଂସନୀୟ ହୋଇଥିଲା। ଚଳିତବର୍ଷର ହିଟ୍ ଆଧୁନିକ ସଂଗୀତ ଉପରେ ଆଧାରିତ ନାଚକୁ ଅନୁଷ୍ଠାନ ପକ୍ଷରୁ ଅଧିକ ଗୁରୁତ୍ୱ ଦିଆଯାଉଛି ବୋଲି ପରିଚାଳକ ଦର୍ଶକମାନଙ୍କର ପସନ୍ଦ ଯୋଗ୍ୟ ହୋଇପାରିଥିଲା। ମତୁଆଲା ଦର୍ଶକମାନଙ୍କର ଆତ୍ମ ବିଭୋର ନୃତ୍ୟସାଙ୍ଗକୁ ହୋହ୍ଲା କଳାକାରମାନଙ୍କୁ ଉତ୍ସାହିତ କରିଥିଲା। କାର୍ଯ୍ୟକ୍ରମ ସମୟରେ ମଞ୍ଚ ନିକଟରେ ଭିଡ ଓ ଦର୍ଶକମାନଙ୍କ ଆଗମନ ଯୋଗୁ ସୃଷ୍ଟି ହେଉଥିବା ଟ୍ରାଫିକ୍ ସମସ୍ୟାକୁ ନିୟନ୍ତ୍ରଣ ପାଇଁ କୁଆଖିଆ ଥାନା ପକ୍ଷରୁ ଅଧିକାରୀ ଶ୍ରୀକାନ୍ତ ବାରିକ ଓ ତାଙ୍କ ସହଯୋଗୀମାନେ ଅଧିକ ଧ୍ୟାନ ଦେଉଛନ୍ତି। କମିଟିର କାର୍ଯ୍ୟକର୍ତ୍ତା ରାଜେଶ ସାହୁ, ଶାନ୍ତି କମିଟିର ମୁଖ୍ୟ ଅରୁଣ ରାଉତ, ଅରୁଣ କୁମାର ସାହୁ, ଉମେଶ ନାୟକ ପ୍ରମୁଖ କାର୍ଯ୍ୟକ୍ରମଗୁଡ଼ିକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିଥିଲେ। ଅନ୍ୟପକ୍ଷରେ ମେଳା ଓ ମହୋତ୍ସବର ଅବଧି ସରିଆସୁଥିବାରୁ ଦର୍ଶକମାନଙ୍କ ଭିଡ ବଢ଼ିବାରେ ଲାଗିଛି। ମହିଳା ଦର୍ଶକଙ୍କ ସଂଖ୍ୟା ଅପେକ୍ଷାକୃତ ଅଧିକ ରହୁଛି। ବାହାରୁ ଆସୁଥିବା ଦର୍ଶକମାନେ ୧୬ନଂ.ଜାତୀୟ ରାଜପଥ ପାର୍ଶ୍ୱରେ ଗାଡ଼ି ପାର୍କିଂ କରି ଚାଲିଚାଲି ପ୍ରଭୁ ଲକ୍ଷ୍ମୀନାରାୟଣଙ୍କ ପାଖକୁ ଯାଉଛନ୍ତି। ପୂଜାସ୍ଥଳରେ ଲାଗିଥିବା ବାରୁଆଳି ବୁଲି ଦେଖିବା ସହ ମହୋତ୍ସବ ପଡିଆ ଅଭିମୁଖେ ଯାତ୍ରା କରୁଛନ୍ତି। ପଡିଆରେ ଚାଟ୍, ଗୁପଚୁପ୍, ଠୁଙ୍କାପୁରୀ, ଲଙ୍କାଚପ୍‌ର ଖାଇବା ସହ ଦୋଳିର ମଜା ନେଉଛନ୍ତି। ଘରକୁ ଫେରିବା ବେଳକୁ ମଞ୍ଚସ୍ଥଳରେ ଘଣ୍ଟାଘଣ୍ଟା ଧରି ଛିଡ଼ାହୋଇ ମନୋରଂଜନ କାର୍ଯ୍ୟକ୍ରମକୁ ଉପଭୋଗ କରୁଛନ୍ତି। ତେଣେ ସଞ୍ଜ ନଇଁଲା ବେଳକୁ ଲକ୍ଷ୍ମୀନାରାୟଣ ପେଣ୍ଡାଲରେ ଯାତ୍ରା ପ୍ରତିଯୋଗିତା ଉପଭୋଗ କରିବାକୁ ଦର୍ଶକଙ୍କ ଲମ୍ବା ଧାଡି ଲାଗୁଛି।

# ୨ ଦିନରେ ଦୁଇ ଆତ୍ମହତ୍ୟା

### କୁଆଖିଆ ଥାନା

**ରସୁଲପୁର,୩।୧(ରଂଜିତ ରାଉତ):** କୁଆଖିଆ ଥାନା ଅଞ୍ଚଳରେ ୨ଦିନରେ ୨ଜଣ ଆତ୍ମହତ୍ୟା କରିଛନ୍ତି। ଏହାର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁରକାରଣ ଜଣାପଡିବ ବୋଲି ପୋଲିସ ସୂତ୍ରରୁ ଜଣାଯାଇଛି। ଉଭୟ ଘଟଣାକୁ ନେଇ ଥାନାରେ ୨ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଥାନା ଅଧୀନ କଲଣ ଗ୍ରାମର ସଞ୍ଜୟ ମଲିକ(୪୬) ଶୋଇବା ଘରେ ଗାମୁଛାରେ ଝୁଲିପଡି ଆତ୍ମହତ୍ୟା କରିଛନ୍ତି। ଏ ସମ୍ପର୍କରେ ତାଙ୍କ ଭାଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ନଂ.୧/୨୪ରେ ମାମଲା ରୁଜୁ ହୋଇଛି। ସଞ୍ଜୟଙ୍କ ସ୍ତ୍ରୀ କିଛି ବର୍ଷ ହେଲା ମୃତ୍ୟୁ ହୋଇଥିଲା। ସେବେଠାରୁ ସେ ମାନସିକ ଚାପରେ ରହି ଆସୁଥିଲେ। ମଙ୍ଗଳବାର ସେ ଖାଇବା ପରେ ଶୋଇବାକୁ ଯାଇଥିଲେ। ପରଦିନ ସକାଳୁ ଘରେ ମୃତଦେହ ଝୁଲୁଥିବା ତାଙ୍କ ଭାଇ ଦେଖିବାକୁ ପାଇଥିଲେ। ତାଙ୍କର ୨ ପୁଅ ରହିଛନ୍ତି। ସେହିପରି ବୁଧବାର ଅନ୍ୟ ଏକ ଘଟଣାରେ ସକାଳ ୭ଟାରେ ଓଡ଼ିଶୋ ପଞ୍ଚାୟତ ଅଣ୍ଡେଇଗୋଡା ଗ୍ରାମର ଗୋଆ ଫେରନ୍ତା ଯୁବକ ଲକ୍ଷ୍ମୀଧର କରଙ୍କ ସାନପୁଅ ସର୍ବେଶ୍ୱର(୨୪) ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ପୋଲିସ ଯୁବକଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ ଆରମ୍ଭ କରିଛି। ତେବେ କେଉଁ କାରଣରୁ ଯୁବକ ଆତ୍ମହତ୍ୟା କଲେ ତାହା ସ୍ପଷ୍ଟ ହୋଇପାରିନାହିଁ।

ଯୁବକ ଜଣକ ଗୋଆରେ ଏକ ଘରୋଇ କମ୍ପାନୀରେ ଚାକିରି କରିଥିଲେ। କିଛି ଦିନ ହେବ ସେ ଘରକୁ ଫେରିଥିଲେ। ସେବେଠାରୁ ତାଙ୍କ ମାନସିକ ଅଶାନ୍ତି ରହିଥିବା ଜଣାଯାଉଥିଲା। ଏନେଇ ପରିବାର ଲୋକେ ବ୍ୟସ୍ତବିବ୍ରତ ହୋଇପଡିଥିଲେ। ବିଭିନ୍ନ ସ୍ଥାନରେ ତାଙ୍କର ଚିକିତ୍ସା କରାଇଥିଲେ। ମାତ୍ର ହଠାତ୍ ଯୁବକଙ୍କ ମୃତଦେହ ଘରେ ଝୁଲୁଥିବା ଦେଖି ପରିବାରରେ ଶୋକାକୁଳ ବାତାବରଣ ସୃଷ୍ଟି ହୋଇଥିଲା। ଏନେଇ ଥାନାରେ ନଂ.୨/୨୪ରେ ଏକ ମାମଲା ରୁଜୁ ହୋଇଛି।

# ମଝିପଡ଼ା ପଞ୍ଚାୟତରେ ୪ ପ୍ରକଳ୍ପର ଶିଳାନ୍ୟାସ



ଶିଳାନ୍ୟାସ ଉତ୍ସବରେ ବିଧାୟକ ଓ ଅନ୍ୟମାନେ।

**ଚଣ୍ଡିଖୋଲ,୩।୧(ପ୍ରଦୀପ୍ତ କୁମାର ପୃଷ୍ଟି):** ବଡ଼ଚଣା ବ୍ଲକ ଅନ୍ତର୍ଗତ ମଝିପଡ଼ା ପଞ୍ଚାୟତରେ ୪ ପ୍ରକଳ୍ପର ଶିଳାନ୍ୟାସ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏସବୁର ଶିଳାନ୍ୟାସ କରିଛନ୍ତି। ଏଥିରେ ଉଦୟଗିରିଠାରୁ ଗଡଜିତ ପର୍ଯ୍ୟନ୍ତ ୯ କିଲୋ ମିଟର ୪୭୦ ମିଟର ଲମ୍ବ ପୂର୍ତ୍ତ ବିଭାଗ ରାସ୍ତାର ଉନ୍ନତୀକରଣ ଓ ପ୍ରଶସ୍ତୀକରଣ ନିମନ୍ତେ ଶିଳାନ୍ୟାସ କରାଯାଇଛି। ଏଥିପାଇଁ ୧୨ କୋଟି ୯୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ସେହିପରି ମଝିପଡାଠାରେ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ୯ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ସିଦ୍ଧେଶ୍ୱର ବନ ସୁରକ୍ଷା ସମିତିର ଏକ ଗୃହର ଶିଳାନ୍ୟାସ କରାଯାଇଛି। ଏହି ପଞ୍ଚାୟତ ଅନ୍ତର୍ଗତ ବନମାଳିପୁରଠାରେ କଲ୍ୟାଣ ମଣ୍ଡପ ଓ ଚଣ୍ଡିଆ ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଶିଳାନ୍ୟାସ କରାଯାଇଛି। ପୂର୍ବତନ ସରପଞ୍ଚ ତାପସ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଧାୟକ ଯୋଗଦେଇ ବଡ଼ଚଣା ନିର୍ବାଚନମଣ୍ଡଳୀ ଏବେ ବିକାଶ ଅଭିମୁଖେ ଆଗେଇ ଚାଲିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଯୋଗୁ ଦ୍ରୁତ ଗତିରେ ବିକାଶ କାର୍ଯ୍ୟକ୍ରମ ଆଗେଇ ଚାଲିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତୀନ୍ଦ୍ର ନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି, ଆତ୍ମା ଅଧ୍ୟକ୍ଷ ବିପିନ ବିହାରି ଜେନା, ପୂର୍ବତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପଞ୍ଚାନନ ଧଳ, ନିରଞ୍ଜନ ସେନାପତି, ପୂର୍ବତନ ସରପଞ୍ଚ ଗଗନ ବିହାରୀ ସ୍ୱାଇଁ, ପୂର୍ତ୍ତବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ତପନ ସେଠୀ, ସହକାରୀ ଯନ୍ତ୍ରୀ ଚକ୍ରଧର ସାହୁ, ବଡ଼ଚଣା ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ କମଳ ଲୋଚନ ରାଜ, ସହକାରୀ ଯନ୍ତ୍ରୀ ସଞ୍ଜୟ ମିଞ୍ଜ, ଅନିଲ କୁମାର ପରିଡ଼ା, ସୁବାସ ଚନ୍ଦ୍ର ସୁନ୍ଦର ରାୟ ଓ ସଚ୍ଚିଦାନନ୍ଦ ଜେନା ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବତନ ସମିତି ସଭ୍ୟ ମଞ୍ଜୁଶ୍ରୀ ଦେଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅମିତାଭ ଜେନା ଧନ୍ୟବାଦ ଦେଇଥିଲେ। ବିଧାୟକ ଶିଳାନ୍ୟାସ ଉତ୍ସବକୁ ଉଦୟଗିରିଠାରୁ ଏକ ମୋଟର ସାଇକେଲ ରାଲିରେ ମଝିପଡା ଯିବା ସମୟରେ କେତେକ ଭାଜପା କର୍ମୀ ମଝିପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଭାଜପା ଜିନ୍ଦାବାଦ, ଅମର ଶତପଥୀ ହାୟ ହାୟ ଧ୍ୱନି ଦେଇଥିଲେ। ପୋଲିସ ସେମାନଙ୍କୁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଘେରା ବନ୍ଦି କରି ରଖିଥିଲା। କାର୍ଯ୍ୟକ୍ରମ ପୂର୍ବରୁ ସେଠାରେ ଗଣ୍ଡଗୋଳ ଆଶଙ୍କା ଥିବାରୁ ଏକ ପ୍ଲାଟୁନ ପୋଲିସ ଫୋର୍ସ ସହ ବଡ଼ଚଣା ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ର, ବାଲିଚନ୍ଦ୍ରପୁର ଥାନା ଅଧିକାରୀ ପ୍ରମୋଦିନୀ ସାହୁ, ବୈରୀ ଥାନା ଅଧିକାରୀ ଶରତ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଗୋପୀନାଥ ଜୀଉ କ୍ରିକେଟ: ପଣ୍ଡୁଲା ଚାମ୍ପିୟନ

**ପାଣିକୋଇଲି,୩।୧(ବିକାଶ ମଲ୍ଲିକ):** ପଥରପଦା ପଞ୍ଚାୟତ ଅନ୍ତର୍ଗତ ଓରିନ୍ଦା ଗ୍ରାମରେ ୨୮ତମ ଗୋପୀନାଥ ଜୀଉ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଣ୍ଡୁଲା ଟିମ୍ ଚାମ୍ପିୟନ ହୋଇଛି। ଆଶୀର୍ବାଦ ଆଗ୍ରୋ ପଡକ୍ଟ ପ୍ରାୟୋଜିତ ୩ଦିନ ବ୍ୟାପୀ ଏହି ପ୍ରତିଯୋଗିତାରେ ମୋଟ ୮ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ଧନପୁର ବନାମ ପଣ୍ଡୁଲା ମଧ୍ୟରେ ହୋଇଥିଲା। ଧନପୁର ଟସ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ହରାଇ ୯୮ ରନ ସଂଗ୍ରହ କରିଥିଲା। ଜବାବରେ ପଣ୍ଡୁଲା ୯.୭ ଓଭରରେ ୭ ଉଇକେଟ ହରାଇ ୧୦୦ ରନ କରି ବିଜୟ ଲାଭ କରିଥିଲା। ମ୍ୟାଚ୍‌କୁ ଦୀପକ ସାମଲ ଓ ଅଜୟ ଗିରି ପରିଚାଳନା କରିଥିବାବେଳେ ପରମେଶ୍ୱର ନାୟକ ଓ ରଶ୍ମିରଞ୍ଜନ ଧଳ ଧାରାବିବରଣୀ ପ୍ରଦାନ କରିଥିଲେ। ସ୍କୋରର ଭାବେ ଶ୍ରୀକାନ୍ତ ଦାସ ଯୋଗଦେଇଥିଲେ। ଅପରାହ୍ନରେ ଅତିଥିଭାବେ ସାମାଜିକ କର୍ମୀ ସନ୍ତୋଷ ବେହେରା, ଖବରଦାତା ସୁବାସ ଧଳ ଯୋଗଦେଇ ବିଜୟୀ ଓ ପରାଜିତ ଦଳକୁ ପୁରସ୍କୃତ କରିଥିଲେ। ମ୍ୟାନ୍‌ଅଫଦିମ୍ୟାଚ୍ ଆଲୋକ ଦାସଙ୍କୁ ପୂର୍ବତନ ସରପଞ୍ଚ ପ୍ରକାଶ ମଲ୍ଲିକ ଓ ମ୍ୟାନ୍‌ଅଫଦି ସିରିଜ କ୍ରିଷ୍ଣାଙ୍କୁ ଆଲୋକ ବେହେରା ପୁରସ୍କୃତ କରିଥିଲେ। ସତୀଶ ଧଳ, ଶିବ ପ୍ରସାଦ ଗିରି, ଜିତେନ୍ଦ୍ର ଭାରତୀ, ସୁବାସ ପୁରୀ, ଅଯୋଜ୍ୟୋତି ସାମଲ, ମଦନ ମୋହନ ଜେନା, ଅକ୍ଷୟ ସାମଲ, ଉମେଶ ପୁରୀ, ଲମ୍ବୋଦର ବେହେରା, ଶଙ୍କର୍ଷଣ ମଲିକ, ଅମୂଲ୍ୟ ମଲିକ ଓ ଅଭୟ ମଲିକଙ୍କ ସମେତ ସମସ୍ତ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

### ବଡ଼ଚଣା ଭାଜପାର ଗୃହ ସମ୍ପର୍କ ଅଭିଯାନ

**ଛତିଆ,୩।୧(ସୌମ୍ୟ ରଞ୍ଜନ ସାହୁ):** ବଡ଼ଚଣା ଭାଜପା ପକ୍ଷରୁ ଅମର ନାୟକଙ୍କ ନେତୃତ୍ୱରେ ବଡ଼ଚଣା ନିର୍ବାଚନମଣ୍ଡଳୀ ଅଧୀନ ନେଳିଆ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଗୃହ ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ର ସରକାରଙ୍କ ବିକାଶର ବାର୍ତ୍ତା ସହ ମୋଦି ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଇଛି। ଏଥିସହିତ ବଡ଼ଚଣା ବ୍ଲକରେ ବିଭିନ୍ନ ଦୁର୍ନୀତି ବିଷୟରେ ସୂଚନା ଦିଆଯାଇଛି। ଉକ୍ତ କାର୍ଯ୍ୟକ୍ରମ ନେଳିଆ ଗ୍ରାମର ମଙ୍ଗଳା ମନ୍ଦିରରୁ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ବିକାଶ ମହାପାତ୍ର, ଅଜୟ ନାଥ, ବାବନ ପାଲ, ମାନସ ନାୟକ, ସଂଗ୍ରାମ ସାମଲ, ଶ୍ରୀନିବାସ ପ୍ରହରାଜ, ଦୀପୁନା ମଲିକ, ପ୍ରିୟମ୍ବଦା ଖଟୁଆ, ଚିନ୍ମୟୀ ସାହୁ ଓ ମାନସ ରାଉତ ପ୍ରମୁଖ ସାମିଲ ହୋଇଥିଲେ।

### ରାମ ମନ୍ଦିର ଉଦ୍‌ଘାଟନ ପାଇଁ ନିମନ୍ତ୍ରଣ ପତ୍ର ବଣ୍ଟନ


ଜଣେ ମହିଳାଙ୍କୁ ନିମନ୍ତ୍ରଣପତ୍ର ଦିଆଯାଉଛି।

**ଯାଜପୁର,୨।୧(ହର୍ଷବର୍ଦ୍ଧନ ବେହେରା) :** ଜାନୁଆରୀ ୨୨ରେ ଅଯୋଧ୍ୟାରେ ରାମ ମନ୍ଦିର ଉଦ୍‌ଘାଟନ ସମାରୋହରେ ଯୋଗଦେବାକୁ ବ୍ୟାସନଗରର ୧୮ ଓ ୨୫ ନମ୍ବର ୱାର୍ଡରେ ଅକ୍ଷତ ଓ ନିମନ୍ତ୍ରଣ ପତ୍ର ବଣ୍ଟନ କରାଯାଇଛି। ଏହାକୁ ମହିଳାମାନେ କଂସା ଥାଳିରେ ନିମନ୍ତ୍ରଣ ପତ୍ର ଗ୍ରହଣ କରି ହୁଳହୁଳି ଓ ଶଙ୍ଖଧ୍ୱନୀରେ ସ୍ୱାଗତ କରିଥିଲେ। ସେହିଦିନ ୫ଟି ଅଖଣ୍ଡ ଦୀପ ପ୍ରଜ୍ୱଳନ ଓ କଳସ ସ୍ଥାପନ କରିବାକୁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଚୈତନ୍ୟଚରଣ ବାରିକ, ମୁରଲୀଧର ସାମଲ, ଜମୁନାଥ ସାମଲ, ଗୟାଧର ନନ୍ଦ, ସତ୍ୟଜିତ ଶତପଥୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

#### ଦୀପ ପ୍ରଜ୍ୱଳନ, କଳସ ସ୍ଥାପନ ପାଇଁ ଅନୁରୋଧ

# ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘ ବାର୍ଷିକ ଉତ୍ସବ


ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘ ବାର୍ଷିକ ଉତ୍ସବରେ ବିଧାୟିକା ଓ ଅନ୍ୟମାନେ।

**ବରୀ,୩।୧(ମହେନ୍ଦ୍ର ସ୍ୱାଇଁ):** ବରୀ ବ୍ଲକ୍ ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘର ଚତୁର୍ଥ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ବରୀ ବିଧାୟିକା ସୁନନ୍ଦା ଦାସ ଯୋଗଦେଇ ବରୀ ମାଟିର ଗୌରବ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ମଦନ ମୋହନ ପତି ସଭାପତିତ୍ୱ କରିଥିଲାବେଳେ ବରୀ ଅଞ୍ଚଳର ଅବସରପ୍ରାପ୍ତ ସେନାକର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟ ଯୋଗଦେଇଥିଲେ। ବ୍ଲକ୍ ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକ, ଦେବେନ୍ଦ୍ର ଦାସ, ସରପଞ୍ଚ ମାନସ ଜେନା, କଳାମାଟିଆ ଶହୀଦ ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ଶୁକଦେବ ପରିଡା ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘ ସଭାପତି ଗଗନ ଖୁଣ୍ଟିଆ, ସମ୍ପାଦକ କବୀର ଦାସ, ଉପସଭାପତି ଗୟାଧର ଦାସ, ପ୍ରଦୀପ ଘଡ଼ାଇ, ରଞ୍ଜନ ଜେନା, ଅଶୋକ ଶ୍ୟାନ୍ତି, ଶ୍ୟାମସୁନ୍ଦର ରାଉତ, ଆର୍ତ୍ତ ସାମଲ ଓ ଗୋଲଖ ମହାନ୍ତି ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ବରୀ ଅଞ୍ଚଳର ଅବହେଳିତ ବ୍ୟକ୍ତିମାନଙ୍କୁ ସଂଘ ସହଯୋଗର ହାତ ବଢ଼ାଇବ ବୋଲି କହିଥିଲେ। ବିଗତ ଦିନରେ ଅବସରପ୍ରାପ୍ତ ସେନା କର୍ମଚାରୀମାନେ ଏକ କାର୍ଯ୍ୟାଳୟ ନିର୍ମାଣ ପାଇଁ ଦାବି କରିବା ପରେ ବିଧାୟିକା ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ଅନୁଦାନ ଦେଇ ତାହା ପୂରଣ କରିଥିବାରୁ ତାଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା।

# ଅମ୍ରିତ ଭାରତ ଏକ୍ସପ୍ରେସ୍ ରହଣି ଦାବି



ଯାଜପୁର-କେନ୍ଦୁଝର ରୋଡ୍ ରେଳ ଷ୍ଟେଶନ ସମ୍ମୁଖରେ ପ୍ରତିବାଦ ସମାବେଶ କରାଯାଉଛି।

**ଯାଜପୁରରୋଡ୍,୩।୧(ପବିତ୍ର ରଞ୍ଜନ ମହାନ୍ତି):** ୩୦ ତାରିଖରେ ପଶ୍ଚିମବଙ୍ଗ ମାଲଦାଠାରୁ ବେଙ୍ଗାଲୁର ପର୍ଯ୍ୟନ୍ତ ଅମ୍ରିତ ଭାରତ ଏକ୍ସପ୍ରେସ ନାମକ ଏକ ସାପ୍ତାହିକ ଟ୍ରେନକୁ ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିଛନ୍ତି। ହେଲେ ଯାଜପୁରରୋଡ ଷ୍ଟେଶନରେ ଏହାର ରହଣି ନାହିଁ। ଏ ସମ୍ପର୍କରେ ଜାଣିବା ପରେ ଯାଜପୁର ରୋଡ ମିଳିତ ଗଣସଂଗଠନ ପକ୍ଷରୁ ରେଲୱେବୋର୍ଡ ଅଧ୍ୟକ୍ଷଙ୍କୁ ସ୍ଥାନୀୟ ଷ୍ଟେସନମ୍ୟାନେଜରଙ୍କ ଜରିଆରେ ଏକ ଦାବିପତ୍ର ଦିଆଯାଇଛି। ଦାବିପତ୍ରରେ ଟ୍ରେନ୍ ରହଣି କରିବାକୁ ଉଲ୍ଲେଖ କରାଯାଇଛି। ପରେ ବୁଧବାର ଯାଜପୁର-କେନ୍ଦୁଝର ରୋଡ୍ ରେଳ ଷ୍ଟେସନ ସମ୍ମୁଖରେ କୋରେଇ ସଂଗ୍ରାମ ସମିତି ସଭାପତି ବିଦ୍ୟାଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସମାବେଶ ଅନୁଷ୍ଠିତ ହୋଇଛି। ଏଥିରେ ଯାଜପୁର ରୋଡ ସିଭିଲ ସୋସାଇଟି ଆବାହକ ବିବେକାନନ୍ଦ ମହାନ୍ତି, କୋରେଇ ସଂଗ୍ରାମ ସମିତି ସାଧାରଣ ସମ୍ପାଦକ ଅଭିମନ୍ୟୁ ମିଶ୍ର, ଉପସଭାପତି ଆଲୋକ ମହାନ୍ତି, ସିପିଆଇ ଜିଲା ସମ୍ପାଦକ ଈଶ୍ୱର ପରିଡା, ମଳୟ ପଣ୍ଡା, ସିଆଇଟିୟୁ ସଭାପତି ପ୍ରଫୁଲ୍ଲ ନାୟକ, ବଣିକ ସଂଘ ନେତା ବସନ୍ତ ପାତ୍ର, ଆଇଏନଟିୟୁସି ନେତା ନାରାୟଣ ଚନ୍ଦ୍ର ନାୟକ, ନିରଞ୍ଜନ ପରିଡା, ଭାଗିରଥି ଆଚାର୍ଯ୍ୟ, ପୂର୍ଣ୍ଣଚନ୍ଦ୍ର ଦାଶ, ସୁଧାଂଶୁ ଶେଖର ସାହୁ, ମହିନ୍ଦ୍ର କୁମାର ମହାପାତ୍ର ଓ ଧୀରେନ୍ଦ୍ର ସାହୁ ପ୍ରମୁଖ ନିଜ ଅଭିଭାଷଣରେ ଯାଜପୁରରୋଡ ପ୍ରତି ରେଳ ବିଭାଗର ବୈମାତୃକ ମନୋଭାବ ବିରୋଧରେ ବ୍ୟାପକ ଆନ୍ଦୋଳନ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଷ୍ଟେସନ ତଥା ଏସିଆ ମହାଦେଶର ସର୍ବବୃହତ ଶିଳ୍ପନଗରୀର ପ୍ରବେଶ ଦ୍ୱାରା ହୋଇଥିଲେ ମଧ୍ୟ ଏହାପ୍ରତି ଅଣଦେଖାକୁ ନେଇ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଦୃଢ଼ ସମାଲୋଚନା କରିଥିଲେ। ଜଳେଶ୍ୱର, ବାଲେଶ୍ୱର ସୋର ଓ ଭଦ୍ରକଠାରେ ଟ୍ରେନ୍ ରହଣି ଥିବା ବେଳେ ଅଧିକା ରାଜସ୍ୱ ଦେଉଥିବା ଏହି ଷ୍ଟେଶନକୁ ଅଣଦେଖାକୁ ବିରୋଧ କରାଯାଇଥିଲା। ବିଭିନ୍ନ ରାଜ୍ୟରୁ ଯାତ୍ରୀ ଏହି ବୃହତ ଶିଳ୍ପ ନଗରୀକୁ ଯାତାୟାତ କରିଥାଆନ୍ତି। ଏହା ସତ୍ତ୍ୱେ ଉକ୍ତ ଟ୍ରେନ ଏହି ଷ୍ଟେଶନରେ ରହଣି ନ କରିବା ବିଭାଗର ସମ୍ପୂର୍ଣ୍ଣ ଅଣଦେଖା ବୋଲି ବକ୍ତବ୍ୟ ପ୍ରକାଶ ପାଇଥିଲା। ତେବେ ତୁରନ୍ତ ଦାବିପୂରଣ ନ ହେଲ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରିବାକୁ ଚେତାବନୀ ଦିଆଯାଇଥିଲା।

## ସଂକ୍ଷେପରେ

### କେନ୍ଦ୍ରାପଡ଼ା ଜିଲା ଗୌରବ ସମ୍ମାନ ପାଇଲେ ଡା. ଆଶିଷ



ରାଜକନିକା,୩।୧ (ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ କାଟଣା-ବଣିଆଁ ପଞ୍ଚାୟତ ଡାଏଣିଗିରି ଗାଁର ଡାକ୍ତର ଆଶିଷ କୁମାର ବାରିକଙ୍କ ନିଜ ଘର। ଏବେ ସେ କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟର ଜଣେ ଦନ୍ତ ବିଭାଗ ଡାକ୍ତର ଭାବେ କାର୍ଯ୍ୟରତ। ଏହାବାଦ୍ ସେ ଓଡ଼ିଆ ଦନ୍ତ ପରିଷଦର ସଭାପତି ଭାବେ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ରବିବାର ଡା. ବାରିକଙ୍କ କାର୍ଯ୍ୟଦକ୍ଷତାକୁ ସମ୍ମାନ ଜଣାଇ ରାଜ୍ୟର ପ୍ରମୁଖ ସାହିତ୍ୟ, ସାଂସ୍କୃତିକ ଓ ସମାଜ ମଙ୍ଗଳକାରୀ ସଙ୍ଗଠନ ଝାଞ୍ଜିରୀମଙ୍ଗଳା, କଟକର ଓଡ଼ିଶା ପ୍ରତିଭା ପୂଜା ସଂସଦ ଆନୁକୂଲ୍ୟରେ ଶ୍ରୀରାମଚନ୍ଦ୍ର ଭବନ କଟକଠାରେ ୧୭ଶ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଓ ସାରସ୍ୱତ ସମାରୋହ-୨୦୨୩ ଉତ୍ସବ ଅନୁଷ୍ଠିତ ହୋଇଛି । ଅନୁଷ୍ଠାନର ସଭାପତି ଡ. ସତ୍ୟ ରାୟ ସଭାପତିତ୍ୱ କରିଥିବା ବେଳେ ସାଧାରଣ ସମ୍ପାଦକ ଦିଲୀପ କୁମାର ଦାସ ସଂଯୋଜନା କରିଥିଲେ । ମୁଖ୍ୟ ଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ଏ. ସୂର୍ଯ୍ୟନାରାୟଣ ନାଇଡୁ, ମୁଖ୍ୟବକ୍ତା ଭାବେ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ସୁରେନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ଉତ୍କଳ ସାହିତ୍ୟ ସମାଜର ଉପସଭାପତି ଜୀବନାନନ୍ଦ ଅଧିକାରୀ ଏବଂ ଓଡ଼ିଶା ପ୍ରତିଭା ପୂଜା ସଂସଦର ରାଜ୍ୟ ସଂଯୋଜକ ତଥା ଅଭିରାମ ପରମହଂସ ମିଶନର ରାଷ୍ଟ୍ରୀୟ ଅଧ୍ୟକ୍ଷ ତତ୍ତ୍ୱଭୂଷଣ ପ୍ରଭାତ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ରାଜ୍ୟସ୍ତରୀୟ ସାରସ୍ୱତ ସମ୍ମାନ-୨୦୨୩ ପାଇଁ ଡା. ବାରିକଙ୍କୁ କେନ୍ଦ୍ରାପଡ଼ା ଜିଲା ଗୌରବ ସମ୍ମାନରେ ସମ୍ମାନିତ କରିଛନ୍ତି। ଏହାବାଦ୍ ଡାକ୍ତରଙ୍କ ପିତା ଶିକ୍ଷାବିତ୍ କେଶବାନନ୍ଦ ବାରିକଙ୍କୁ ମଧ୍ୟ ଶିକ୍ଷକ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ରାଜକନିକାରେ ଖୁସିର ଲହରି ଖେଳିଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଡା. ବାରିକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଜଗତ୍‌ସିଂହପୁର ଜିଲା: ଅଚଳ ଶତାଧିକ ଅନୁଷ୍ଠାନ

- ଆବଶ୍ୟକ ବେଳେ ସୃଷ୍ଟି ହୁଏ, ପରେ ହଜିଯାଏ
- ରାଜନୈତିକ ହସ୍ତକ୍ଷେପ ମୂଳ ସମସ୍ୟା

ଜଗତ୍‌ସିଂହପୁର, ୩।୧ (ପ୍ରମୋଦ କୁମାର ନାୟକ)

ଆବଶ୍ୟକ ବେଳେ ଅନେକ ସଙ୍ଗଠନ, ଅଭିଯାନ, ମଞ୍ଚ, ସମିତି, ପରିଷଦ, ସଂଘ, ଟ୍ରଷ୍ଟ, ମହାସଭା ଓ ୟୁନିୟନ ଆଦି ସୃଷ୍ଟି ହୁଏ। ଏହି ଜରିଆରେ ଆନ୍ଦୋଳନଠାରୁ ଆରମ୍ଭ କରି ଅନେକ ଦାବି ଓ ସାମାଜିକ କାମ ପାଇଁ ପ୍ରତିଶ୍ରୁତି ଦିଆଯାଏ। ସରକାର, କମ୍ପାନୀ କିମ୍ବା ଅନ୍ୟ ସଂସ୍ଥା ଉପରେ ଚାପ ପକାଯାଏ। କିନ୍ତୁ ସମୟ ଚକ୍ରରେ ଏଗୁଡ଼ିକ ମଧ୍ୟରୁ ଅଧିକାଂଶ ଅଚଳ ହୋଇଯାଏ। କାହିଁକି ଏବଂ କେଉଁଥି ପାଇଁ ଏହି ଅଭିଯାନ, ମଞ୍ଚ ଓ ସଙ୍ଗଠନଗୁଡ଼ିକ ଆଗକୁ ବଢ଼ି ପାରେ ନାହିଁ ତାହାକୁ ନେଇ ସାଧାରଣରେ ନାନା କଥା ଶୁଣାଯାଏ। କୁହାଯାଏ, ଅନେକ ପ୍ରଭାବଶାଳୀ ହେଉ ଅବା ବିଭିନ୍ନ କ୍ଷେତ୍ରରେ ଆଗଧାଡ଼ିରେ ଥିବା ବ୍ୟକ୍ତି ସଙ୍ଗଠନ ନାଁରେ ପତିଆରା ଜାହିର ପାଇଁ ଉଦ୍ୟମ କରିଥାନ୍ତି। ଏପରି କି ରାଜନୈତିକ ଅଭିସନ୍ଧି ପୂରଣ ପାଇଁ ମଧ୍ୟ କେତେଜଣ ଏସବୁ ଗଠନ ଓ ଭଣ୍ଡୁର କରିଥାନ୍ତି। ସଙ୍ଗଠନ ସୃଷ୍ଟି ସମୟରେ ଯେଉଁସବୁ ମୌଳିକ ପ୍ରସଙ୍ଗକୁ ନେଇ ଆଲୋଚନା କରାଯାଏ ସମୟଚକ୍ରରେ ସେସବୁ ପ୍ରସଙ୍ଗ ଲୁଚିଯାଏ। କାରଣ ଏହା ପଛରେ ଅନ୍ୟ କିଛି ଉଦ୍ଦେଶ୍ୟ ଲୁଚି ରହିଥାଏ। ଯେତେବେଳେ ଏସବୁ କଥା ପଦାକୁ ଆସିଯାଏ ସେତେବେଳେ ସଙ୍ଗଠନ ଠପ୍ ହୋଇଯାଏ। ଆଉ ମଧ୍ୟ ଅନେକ ପାରିପାର୍ଶ୍ୱିକ ଅବସ୍ଥା, ନେତୃତ୍ୱ ସଙ୍କଟ, ପଦପଦବୀ ହାତେଇବାକୁ କସରତ ଓ ଅନ୍ୟ କାରଣରୁ ଆଗେଇ ପାରେନାହିଁ। ଏପରି କି ଏକତା ଶକ୍ତିକୁ ଭାଙ୍ଗିବା ପାଇଁ କୁଚକ୍ରୀମାନଙ୍କ ଭୂମିକା କିଛି କମ ନ ଥାଏ। ସେମାନେ ନିଜର ମନ୍ଦ ଲକ୍ଷ୍ୟ ପୂରଣ ପାଇଁ ଷଡ଼ଯନ୍ତ୍ର କରି ସଫଳ ହେବା କିଛି ନୂଆ କଥା ନୁହେଁ। ଏହାସତ୍ତ୍ୱେ ମଧ୍ୟ କେତେକ ସଙ୍ଗଠନ ମୌଳିକ ସମସ୍ୟାଗୁଡ଼ିକୁ ନିଷ୍ଠାର ସହ ପ୍ରତିପାଦିତ କରି ତିଷ୍ଠି ରହିଛନ୍ତି। ଅତୀତକୁ ବଖାଣିଲେ ଜଣାଯାଏ ଜଗତ୍‌ସିଂହପୁର ଜିଲାରେ ପାଖାପାଖି ୫୦୦ରୁ ଅଧିକ ସଙ୍ଗଠନ ସୃଷ୍ଟି ହୋଇ କାଳକ୍ରମେ ହଜିଯାଇଛି।

ପୂର୍ବରୁ ଜିଲା ବିକାଶ ପାଇଁ ଜଗତ୍‌ସିଂହପୁର ଜିଲା ବରିଷ୍ଠ ନାଗରିକ ମଞ୍ଚ ଗଠନ ହୋଇଥିଲା। ସେତେବେଳେ ଏହା ଅନେକଙ୍କୁ ଖୁସି ଦେଇଥିଲା। ଉଦ୍ଦେଶ୍ୟ ଥିଲା ପ୍ରଶାସନ ଓ ରାଜନେତାଙ୍କ ଉପରେ ଚାପ ସୃଷ୍ଟି କରି ଅନେକ ସାମଗ୍ରୀକ ଦାବି ହାସଲ କରିବା। ପ୍ରଥମ ବୈଠକ ଓ ଏହା ପରେ ମଞ୍ଚ ଗଠନକୁ ନେଇ ବ୍ୟାପକ ପ୍ରଚାର ହୋଇଥିଲା। ଦୁଃଖର କଥା ହେଲା ନେତୃତ୍ୱକୁ ନେଇ ବିବାଦ ବାସ୍ତବ ଲକ୍ଷ୍ୟଠାରୁ ମଞ୍ଚକୁ ଦୂରେଇ ଦେଇଥିଲା। ସେତେବେଳର ୨ ପ୍ରମୁଖ ରାଜନେତାଙ୍କ ବିବାଦରେ ମଞ୍ଚ ଛନ୍ଦି ହୋଇ ପଡ଼ିଥିଲା। ପରେ ମଞ୍ଚ ପଞ୍ଜୀକରଣ ପୂର୍ବରୁ ପରିକଳ୍ପନାରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା। ଏହା ପୂର୍ବରୁ ମଧ୍ୟ ପୂଜ୍ୟପୂଜା ସମିତି ଗଠନ ହୋଇଥିଲା। ବିଶେଷକରି ସେମାନଙ୍କ ଜନ୍ମ ଓ ମୃତ୍ୟୁ ଦିବସ ଠିକ୍ ଭାବେ ପାଳନ କରିବା ମୂଳ ଉଦ୍ଦେଶ୍ୟ ଥିଲା। ତାହା ମଧ୍ୟ ଅଧାରେ ଅଟକି ଯାଇଥିଲା। ଜଗତ୍‌ସିଂହପୁର ସମେତ ଜିଲାର ପାରାଦୀପ, ଏରସମା, କୁଜଙ୍ଗ, ତିର୍ତ୍ତୋଲ, ରଘୁନାଥପୁର, ବିରିଡ଼ି, ନାଉଗାଁ ଓ ବାଲିକୁଦା ଆଦି ଅଞ୍ଚଳରେ ଏଭଳି ଗଢ଼ି ଉଠିଥିବା ପାଖାପାଖି ୫୦୦ ସଙ୍ଗଠନ ତଥା ସମିତି ଆଦି ସୃଷ୍ଟି ହୋଇ ସମୟ ଚକ୍ରରେ ଉଭେଇ ଯାଇଛି। ସେଥିମଧ୍ୟରୁ ପାରାଦୀପରେ ସର୍ବାଧିକ। ପଞ୍ଜୀକରଣ ନ ହୋଇ ଅନେକ ସଙ୍ଗଠନ କୌଣସି ଇସ୍ୟୁକୁ ନେଇ ସୃଷ୍ଟି ହୁଏ। ପରେ ସଙ୍ଗଠନଗୁଡ଼ିକ ପଞ୍ଜୀକରଣ ପୂର୍ବରୁ ଶୀତଳଭଣ୍ଡାରକୁ ଚାଲିଯାଏ। ବିନା ପଞ୍ଜୀକରଣ ଶତାଧିକ ସମିତି, ସଂସ୍ଥା, ସଙ୍ଗଠନ ଆଗେଇ ପାରିନାହିଁ। ମିଳିଥିବା ସୂଚନା ଅନୁଯାୟୀ, ଜଗତ୍‌ସିଂହପୁର ଜିଲାର ପାଖାପାଖି ୨୫୨ଟି ସମିତି ତଥା ସଂସ୍ଥା ବନ୍ଦ ହୋଇଯାଇଛି। ସେଗୁଡ଼ିକ ମଧ୍ୟରେ ପାରାଦୀପ ପୋର୍ଟ ଡକ୍ ୱାର୍କର୍ସ ଏମ୍‌ପିସିଏସ୍, ଇଫ୍‌କୋ ଷ୍ଟାଫ କ୍ରେଡିଟ୍ କୋ ଅପରେଟିଭ ସୋସାଇଟି, ପାରାଦୀପ କ୍ରେଡିଟ୍ କୋ ଅପରେଟିଭ୍ ସୋସାଇଟି, ଇଷ୍ଟର୍ଣ୍ଣ ଇଣ୍ଡିଆ ଅଏଲ ରିଫାଇନାରୀ ଡିସ୍‌ପ୍ଲେସ୍‌ଡ ଫ୍ୟାମିଲିଜ୍ ୱେଲଫେୟାର କୋ ଅପରେଟିଭ ସୋସାଇଟି, ପାରାଦୀପ ଅଏଲ ରିଫାଇନାରୀ ଲ୍ୟାଣ୍ଡ ଲୁଜର୍ ୱେଲଫେୟାର ଲେବର କଣ୍ଟ୍ରାକ୍ଟ କୋ ଅପରେଟିଭ୍ ସୋସାଇଟି, ପାରାଦୀପ ଅଏଲ ରିଫାଇନାରୀ ଡିସ୍‌ପ୍ଲେସ୍‌ଡ ଆଣ୍ଡ ଅନଏମ୍ପ୍ଲଏଡ୍ ଲାଣ୍ଡ ଲୁଜର୍ କୋ ଅପରେଟିଭ୍ ସୋସାଇଟି ଇତ୍ୟାଦି। ଏଗୁଡ଼ିକ ବନ୍ଦ ପଛରେ ଯେକୌଣସି କାରଣ ଥାଉ ନା କାହିଁକି ସମିତିଗୁଡ଼ିକ ଗଠନ ସମୟରେ ରହିଥିବା ପ୍ରତିଶ୍ରୁତି ପୂରଣ ହୋଇପାରିନାହିଁ। ୨୦୧୮ରେ ରାଜ୍ୟ ସରକାର ୨୦ଟି ଜିଲାରେ ୨୦ଟି ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲ ପିପିପି ମୋଡ୍‌ରେ କରାଯିବ ବୋଲି ଘୋଷଣା କରିଥିଲେ। କିନ୍ତୁ ଏଥିରୁ ଜଗତ୍‌ସିଂହପୁର ବାଦ୍ ପଡ଼ିବାରୁ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଏପରି କି ଜିଲା ବିକାଶ ମଞ୍ଚ ଗଠନ ହେଇଥିଲା। ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଜଗତ୍‌ସିଂହପୁର ଜିଲାରେ ଏଭଳି ହସ୍ପିଟାଲ ୨ୟ ପର୍ଯ୍ୟାୟରେ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ସୁଦ୍ଧା ତାହା ଏଯାବତ ପୂରଣ ହୋଇନାହିଁ। ନିକଟରେ ଜଗତ୍‌ସିଂହପୁର ଜିଲା ସ୍ୱାସ୍ଥ୍ୟ ସୁରକ୍ଷା ଅଭିଯାନ ଗଠନ କରାଯାଇ ଜିଲା ସଦରଠାରୁ ୫ କିମି ଦୂର ନିଁପୁରଠାରେ ମେଡ଼ିକାଲ କଲେଜ ପ୍ରତିଷ୍ଠା ପାଇଁ ଦାବି କରାଯାଇଛି। ଏପରି କି ଗତବର୍ଷ ଡିସେମ୍ବର ୭ରେ ଜଗତ୍‌ସିଂହପୁର ବଜାର ବନ୍ଦ ଡାକରା ଦିଆଯାଇଥିଲା। କିନ୍ତୁ ଏହି ଦିନ ଆନ୍ଦୋଳନରେ କେଁ ପସିଥିଲା। ଗୋଟେ ପଟେ ବନ୍ଦକୁ ସମର୍ଥନ ଜଣାଇ ଆନ୍ଦୋଳନ ଚାଲିଥିବାବେଳେ ଅନ୍ୟପଟେ ସ୍ଥାନକୁ ନେଇ ଜଗତ୍‌ସିଂହପୁର ଜାଗ୍ରତ ନାଗରିକ ମଞ୍ଚ ପ୍ରତିବାଦ କରିଥିଲା। ମଞ୍ଚର ଯୁକ୍ତି ଥିଲା ଜିଲାରେ ମେଡ଼ିକାଲ କଲେଜ ପ୍ରତିଷ୍ଠାକୁ ବିରୋଧ କରୁନୁ, କିନ୍ତୁ ନିଁପୁରଠାରେ ହେବା ଅଯୁକ୍ତିକର। ଏହି ବିବାଦ ଥମୁନି। ଆଗକୁ ଦେଖିବାରେ ଅଛି ଜଗତ୍‌ସିଂହପୁରରେ ମେଡିକାଲ କଲେଜ ପ୍ରତିଷ୍ଠା ଆନ୍ଦୋଳନକୁ ଓହ୍ଲାଇଥିବା ଲୋକେ ଆନ୍ଦୋଳନ ଜାରି ରଖୁଛନ୍ତି କି ଅନ୍ୟ ସଙ୍ଗଠନ ଭଳି ଶୀତଳଭଣ୍ଡାରକୁ ଚାଲି ଯାଉଛନ୍ତି।

## ସେମିରେ କଟକ ମାଷ୍ଟର୍ସ କ୍ରିକେଟ କ୍ଲବ



ଟୁର୍ନାମେଣ୍ଟକୁ ଶିଖା ଉମେଶ ସ୍ୱାଇଁ ଉଦ୍‌ଘାଟନ କରୁଛନ୍ତି।

### ରାଇଜିଂ ଷ୍ଟାର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବାଲିକୁଦା,୩।୧ (ତାପସ ସ୍ୱାଇଁ)

ବାଲିକୁଦା ବ୍ଲକ ରାଇଜିଂ ଷ୍ଟାର କ୍ରିକେଟ କ୍ଲବ ମରିଚପୁର ଆନୁକୂଲ୍ୟରେ ୩୨ତମ ବାର୍ଷିକ ଆନ୍ତଃ ରାଜ୍ୟ କ୍ରିକେଟ ଟୁର୍ନାମେଣ୍ଟ ବାପୁଜୀ ଷ୍ଟାଡିୟମ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚକୁ ମୁଖ୍ୟ ଅତିଥି ଭାବେ ଉମେଶ ସ୍ୱାଇଁ ଫାଉଣ୍ଡେଶନ ପ୍ରତିଷ୍ଠାତା ଶିଖା ଉମେଶ ସ୍ୱାଇଁ ଓ ସମ୍ମାନିତ ଅତିଥି ଭାବେ ମରିଚପୁର ଗାଦିବ୍ରହ୍ମ ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ସ୍ୱାଇଁ ଯୋଗଦେଇ ଆନୁଷ୍ଠାନିକ ଭାବେ ଫିତା କାଟି ମ୍ୟାଚ ଉଦ୍‌ଘାଟନ କରିବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଟସ୍ ଜିତି କଟକର ମାଷ୍ଟର୍ସ କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୧୬୮ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ତାପସ କୁମାର ସର୍ବାଧିକ ୩୯ ବଲରେ ୫୨ ରନ କରିଥିଲେ। ଜବାବରେ କଟକର ବିଶ୍ୱଭାରତୀ କ୍ରିକେଟ କ୍ଲବ ୧୭ ଓଭର ମଧ୍ୟରେ ତା'ର ସମସ୍ତ ଉଇକେଟ ହରାଇ ମାତ୍ର ୮୪ ରନ କରି ପରାଜୟ ବରଣ କରିଥିଲା। ଫଳରେ କଟକର ମାଷ୍ଟର୍ସ କ୍ରିକେଟ କ୍ଲବ ସେମିଫାଇନାଲରେ ପ୍ରବେଶ କରିଥିଲା। ଏହି ମ୍ୟାଚରେ ଅମ୍ପାୟର ଭାବେ ଧନେଶ୍ୱର ବିଶ୍ୱାଳ ଓ ସତ୍ୟବ୍ରତ ସ୍ୱାଇଁ ମ୍ୟାଚ ପରିଚାଳନା କରିଥିଲେ। ସ୍କୋରିଂରେ ଅନିଲ କୁମାର ମହାନ୍ତି ଓ ବିଶ୍ୱରଞ୍ଜନ କାଣ୍ଡି ସହାୟତା ପ୍ରଦାନ କରିଥିଲେ। ମ୍ୟାଚର ସମସ୍ତ ଧାରାବିବରଣୀ ହାଡିବନ୍ଧୁ କାଣ୍ଡି, ପ୍ରକାଶ ବିଶ୍ୱାଳ, ପୁଷ୍ପକ ବେହେରା, ସିଦ୍ଧାର୍ଥ ନାୟକ ପ୍ରଦାନ କରିଥିଲେ। ମ୍ୟାଚ ସଫଳ ଆୟୋଜନ କରିବାରେ କ୍ଲବର ସଦସ୍ୟ ବିଜୟ କୁମାର ମହାନ୍ତି, ପ୍ରବୀର ସ୍ୱାଇଁ, ସନ୍ତୋଷ ନାୟକ, ମାନସ ମହାନ୍ତି, ପ୍ରଦୀପ୍ତ ମହାନ୍ତିଙ୍କ ସମେତ ସମସ୍ତ ସଦସ୍ୟ ସହାୟତା ପ୍ରଦାନ କରିଥିଲେ।

## ୧୯୯୨ ବ୍ୟାଚ ସହପାଠୀଙ୍କ ବନ୍ଧୁମିଳନ

ରାଜକନିକା,୩।୧ (ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ଆୟତନ ହାଇସ୍କୁଲ, କନିକା ଉଚ୍ଚ ବିଦ୍ୟାଳୟ ଓ କମଳା ଆଦର୍ଶ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ୧୯୯୨ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଓ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ୟାଚର ସହପାଠୀମାନେ ଏକତ୍ରିତ ହୋଇ ଅତୀତର ସ୍ମୃତିକୁ ରୋମନ୍ଥନ କରିଥିଲେ। ପୁରାତନ ଛାତ୍ର ରାଜକିଶୋର ଏବଂ ଛାତ୍ରୀ ଶାନ୍ତିଲତାଙ୍କ ସଂଯୋଜନାରେ ଅନୁଷ୍ଠିତ ବନ୍ଧୁମିଳନ କେବଳ ଭୋଜିରେ ସୀମିତ ନ ରଖି ୩ ବିଦ୍ୟାଳୟର ସେ ସମୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ ମାନଙ୍କୁ ଉତ୍ତରୀୟ ଓ ମାନପତ୍ର ଦ୍ୱାରା ସମ୍ବର୍ଦ୍ଧିତ କରିଥିଲେ। ଦିବଂଗତ ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ, ସହପାଠୀମାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ବ୍ୟାଚର ଛାତ୍ର ରତିକାନ୍ତ ରାୟଙ୍କ ଦ୍ୱାରା ପରିଚାଳିତ ଗୋପୀନାଥ ସଙ୍ଗୀତ ମହଲ ଦ୍ୱାରା ଗୁରୁ ବନ୍ଦନା କରାଯାଇଥିଲା। ସେ ସମୟର ବରିଷ୍ଠ ଶିକ୍ଷକ ରଘୁନାଥ ରାଉତ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ପୁରାତନ ଛାତ୍ର ଅଧ୍ୟାପକ ଦେବଦାସ ପ୍ରଧାନ ଧନ୍ୟବାଦ ଜ୍ଞାପନ କରିଥିଲେ। ଏଥିରେ ୩ଟି ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରଙ୍କ ସହ ପରିବାର ସଦସ୍ୟ ଯୋଗଦେଇ ଦେଇଥିଲେ।

## ଜଗନ୍ନାଥଙ୍କ ନୂତନ ବିଗ୍ରହ ପାଇଁ ଦାରୁ ସଂଗ୍ରହ



ପିଇଁପୁର ଗାଁରେ ଚିହ୍ନଟ ଦାରୁକୁ ପୂଜାର୍ଚ୍ଚନା କରାଯାଉଛି।

ରଘୁନାଥପୁର, ୩।୧ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଜଗନ୍ନାଥପୁର ଗ୍ରାମର ମହାବୀର ସାହିରେ ନୂତନ ଜଗନ୍ନାଥ ମନ୍ଦିର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ମନ୍ଦିରରେ ଜଗନ୍ନାଥଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ପାଇଁ ଦାରୁ ସଂଗ୍ରହ କରାଯାଇଛି। ଦାରୁ ସନ୍ଧାନ ପାଇଁ ଏହି ଅନୁଷ୍ଠାନର ମୁଖ୍ୟ ମନୋଜ କୁମାର ବେହେରାଙ୍କୁ ଦାରୁ ସମ୍ପର୍କରେ ସ୍ୱପ୍ନାଦେଶ ହୋଇଥିଲା। ଏହାକୁ ଭିତ୍ତିକରି କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ପିଇଁପୁର ଗାଁର ପୁରୁଣା ଜାଗୁଲାଇ ପୀଠରୁ ଦାରୁ ଚିହ୍ନଟ କରାଯାଇଥିଲା। ପୂଜକ ଚନ୍ଦ୍ରକାନ୍ତ ପଣ୍ଡାଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇ ପିଇଁପୁର ଗ୍ରାମବାସୀଙ୍କ ପୂର୍ଣ୍ଣ ସହଯୋଗରେ ଏକ ଆଧାତ୍ମିକ ପରିବେଶରେ ଦାରୁ ଛେଦନ କାର୍ଯ୍ୟ ଶେଷ ହୋଇଥିଲା। ଛେଦନ ପରେ ଦାରୁ ଦେବତାଙ୍କୁ ଭଜନ କୀର୍ତ୍ତନ କରାଯାଇ ଏକ ପଟୁଆରରେ ଜଗନ୍ନାଥପୁର ମହାବୀର ସାହିକୁ ଅଣାଯାଇଥିଲା। ଏହି ଦାରୁ ଦେବତାଙ୍କ ନିର୍ମାଣ କାର୍ଯ୍ୟ କଟକ ଜିଲା ଗସ୍ତପଡ଼ା ଗ୍ରାମର ବିଶ୍ୱକର୍ମା ପୂର୍ଣ୍ଣଚନ୍ଦ୍ର ମହାରଣା କରିବେ ବୋଲି ମନ୍ଦିର କମିଟି ସୂଚନା ପ୍ରଦାନ କରିଛନ୍ତି। ଏଥିରେ ପ୍ରଦୀପ୍ତ ସାହୁ, ଘନଶ୍ୟାମ ଦଳେଇ, ମନୋରଞ୍ଜନ ସାହୁ, ସୌମ୍ୟ ପ୍ରକାଶ ସାହୁ, ଦୈତାରୀ ବେହେରା, ପ୍ରମୋଦ କୁମାର ସାହୁ, ନାରାୟଣ ବେହେରା, ନଳିନୀ ସାହୁଙ୍କ ସମେତ ମହାବୀର ସାହି ଗ୍ରାମବାସୀ ବୃନ୍ଦ ସହଯୋଗ ପ୍ରଦାନ କରିଥିଲେ।

## ଗହଣଦଳ ବୈଠକରେ ସନାତନ ଧର୍ମ ପ୍ରଚାରକୁ ଗୁରୁତ୍ୱ

କୁଜଙ୍ଗ, ୩।୧ (ମନୋଜ ପ୍ରଧାନ)

ଶାରଳା ମଣ୍ଡଳ ଗହଣ ଦଳ ପକ୍ଷରୁ ଏକ ସାଙ୍ଗଠନିକ ବୈଠକ କୁଜଙ୍ଗସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚସଖାଙ୍କ ନୀତି ଆଦର୍ଶ ଓ ସନାତନ ଧର୍ମର ବ୍ୟାପକ ପ୍ରଚାର ନିମନ୍ତେ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ ହୋଇଥିଲା। ବୈଠକରେ ବାବା ବଂଶୀଧର ଦାସ, ରମେଶ ଚନ୍ଦ୍ର ଦାସ, ଗୀତା ଦାସ, ରମେଶ ଚନ୍ଦ୍ର ପାଳ, ରଶ୍ମିକଳା ମହାନ୍ତି, ଲକ୍ଷ୍ମୀପ୍ରିୟା ବେହେରା, ପ୍ରମୋଦ ଦାସ, ମନ୍ଦାକିନୀ ସ୍ୱାଇଁ, ଧରିତ୍ରୀ ପାତ୍ର, ରାଜୀବ ଖୁଣ୍ଟିଆ, ମନୋରଞ୍ଜନ ରାଉତ, ସୁବୋଧ ଦାସ, ଅଜୟ ଖୁଣ୍ଟିଆ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଚିନ୍ମୟ ନାୟକ ଧନ୍ୟବାଦ ଦେଇଥିଲେ।

## ଥାନାଧିକାରିଣୀଙ୍କ ବିରୋଧରେ ଗଣଧାରଣା



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରତ ଗ୍ରାମବାସୀ ଓ ଅନ୍ୟମାନେ।

କେନ୍ଦ୍ରାପଡ଼ା, ୩।୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ପୋଲିସ ଜନସାଧାରଣଙ୍କ କଥା ଶୁଣୁନାହାନ୍ତି। ଜାତିଗତ ଆକ୍ଷେପ କରି ଗାଳିଗୁଲଜ କରୁଛନ୍ତି। ଫଳରେ ସ୍ଥାନୀୟ ଅଞ୍ଚଳରେ ଅଶାନ୍ତି ସୃଷ୍ଟି ହେଉଛି। ଏପରି ଅଭିଯୋଗ ଆଣି ମୂଳନିବାସୀ ୟୁନାଇଟେଡ ଫୋରମ ଓଡ଼ିଶାର କାର୍ଯ୍ୟକାରୀ ଅଧ୍ୟକ୍ଷ ମନୋରଞ୍ଜନ ଜେନା ଓ ବିଳାସିନୀ ମଲ୍ଲିକଙ୍କ ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଗଣଧାରଣା ଦିଆଯାଇଥିଲା। ଏ ସମ୍ପର୍କରେ ସେମାନେ କହିଛନ୍ତି ଯେ, ଗତ ୧ ତାରିଖରେ ପଳାଶପୁର ଗ୍ରାମର ଖୁଲଣା ମଲ୍ଲିକଙ୍କ ସହ ପଡୋଶୀ ୩ ଜଣଙ୍କର ବିବାଦ ହୋଇଥିଲା। ଏହି ବିବାଦ ସମ୍ପର୍କରେ ଅଭିଯୋଗ ପତ୍ର ଥାନାରେ ଦିଆଯାଇଥିବା ବେଳେ ଖୁଲଣାଙ୍କୁ ପୋଲିସ ଜାତିଗତ ଆକ୍ଷେପ କରି ଗାଳିଗୁଲଜ କରିଥିଲା। ପ୍ରତିପକ୍ଷଙ୍କୁ ମାତ୍ର ୨ ଘଣ୍ଟା ଥାନାରେ ରଖି ଛାଡ଼ି ଦେଇଥିବା ବେଳେ ଏଫ୍‌ଆଇଆର କପି ପାଇଁ ଖୁଲଣାଙ୍କୁ ୨ଦିନ ଧରି ଅପେକ୍ଷା କରାଇଥିଲେ। ଗଣଧାରଣା ପରେ ଏଏସ୍‌ପି ଦେବାଶିଷ ଧଳ ଦାବିପତ୍ର ଗ୍ରହଣ କରିବା ସହିତ ଏସ୍‌ଡିପିଓ ଦେବେନ୍ଦ୍ର ମଲ୍ଲିକ ପ୍ରମୁଖଙ୍କ ସହ ଆଲୋଚନା କରିଥିଲେ। ଗଣଧାରଣାରେ ଫୋରମର କର୍ମକର୍ତ୍ତା ଆଇନଜୀବୀ ଅପୂର୍ବ ରଞ୍ଜନ ସେଠୀ, ସୁରେନ୍ଦ୍ର ମଲ୍ଲିକ, ମଦନ ମଲ୍ଲିକ, ବିଦ୍ୟାଧର ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ।

## ସଡ଼କ ସୁରକ୍ଷା ସପ୍ତାହ ଦିବସ




ସଡ଼କ ସୁରକ୍ଷା ଶୋଭାଯାତ୍ରାରେ ସାମିଲ ହୋଇଥିବା ପୋଲିସ ଓ ଅନ୍ୟମାନେ।

ରାଜକନିକା,୩।୧ (ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ଓଳାଭରଠାରେ ସଡ଼କ ସୁରକ୍ଷା ସପ୍ତାହ ଦିବସ ପାଳିତ ହୋଇଯାଇଛି। ଅତିଥି ଭାବେ କନିକା ତହସିଲଦାର ଅଶୋକ କୁମାର ଦେହୁରୀ, ଥାନା ଅଧିକାରୀ ଦିଲୀପ କୁମାର ଧଳ, ଆରଟିଓ ଅଧିକାରୀ ରାଜନାରାୟଣ ସ୍ୱାଇଁ ଓ ସାମାଜିକ କର୍ମଚାରୀ ଅକ୍ଷୟ କୁମାର ନାଥ ପ୍ରମୁଖ ଯୋଗଦେଇ ଓଳାଭର ମାର୍କେଟରେ ବୁଲି ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ଦେଇଥିଲେ। ଏହି ଅବସରରେ ରାଜକନିକା ମୋଟର ଚାଳକ ସଂଘର ସଭାପତି ରମାକାନ୍ତ ପରିଡା, ସମ୍ପାଦକ ପ୍ରଫୁଲ୍ଲ କୁମାର ଦାସ, ସଭ୍ୟ ପ୍ରକାଶ ନାୟକ, ବିମ୍ବାଧର ଦାସଙ୍କ ସମେତ ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ଶାରୀରିକ ବିକାଶ କରେ କ୍ରୀଡ଼ା



ଏରସମା,୩।୧ (ଦୀପ୍ତି ରଞ୍ଜନ ଖଣ୍ଡୁଆଳ)

ଏରସମା ବ୍ଲକ ଆଞ୍ଚଳିକ ଯୁବ ପରିଷଦ ପଡ଼ିଆରେ ବୁଧବାର ବ୍ଲକସ୍ତରୀୟ ନୂଆ ଓ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିଡିଓ ଲମ୍ବୋଦର ଖୁଣ୍ଟିଆ ଉପସ୍ଥିତ ହୋଇ କ୍ରୀଡ଼ା ଶାରୀରିକ ବିକାଶରେ ସହାୟକ ହୁଏ ବୋଲି କହିଥିଲେ। ଏଥିରେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଜିଲା ପରିଷଦ ସଭ୍ୟ ପୀତବାସ ଗଛାୟତ, ରାନୀ ଗୁଡ୍ଡୁ, ଏମ୍‌ପିଙ୍କ ପ୍ରତିନିଧି ଅକ୍ଷୟ ସ୍ୱାଇଁ, ଏବିଡିଓ ଜ୍ଞାନେନ୍ଦ୍ର ଲେଙ୍କା, ଏରସମା ସରପଞ୍ଚ ସଚ୍ଚିଦାନନ୍ଦ ଦାସ, ଜାନକାଦେଇପୁର ସରପଞ୍ଚ ଜିତେନ୍ଦ୍ର ବେହେରା, ସଂଯୋଜକ ନଳିନୀ ରଞ୍ଜନ ମନ୍ତ୍ରୀ, ସହକାରୀ ଯନ୍ତ୍ରୀ ସରୋଜ କୁମାର ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ ସୁବାସ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବୃନ୍ଦାବନ ବିହାରୀ ମହାବିଦ୍ୟାଳୟ ଦଳ କବାଡି, ଗୋଲ୍ଡେନ ୱାରିଆର ଦଳ ଫୁଟବଲ, ତ୍ରିଶକ୍ତି ଦଳ ଭଲିବଲ୍ ଖେଳରେ ଚାମ୍ପିୟନ ହୋଇଥିଲେ। ବିଭିନ୍ନ ଖେଳରେ ୨୮ଟି କୃତୀ ଦଳକୁ ପୁରସ୍କୃତ କରାଯାଇଥିଲା।

# ପାଇପ ଲାଇନ ଟେଷ୍ଟିଂବେଳେ ଟାଙ୍କିରୁ ଝରିଲା ପାଣି

- ବସୁଧା ଯୋଜନାରେ ନିର୍ମିତ ହୋଇଛି ସୁଉଚ୍ଚ ପାଣି ଟାଙ୍କି
- ନିମ୍ନମାନର କାମ ଯୋଗୁ ଲୋକଙ୍କୁ ପାନୀୟ ଜଳ ମିଳୁନି
- ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ



ବସୁଧା ଯୋଜନାରେ ନିର୍ମିତ ପାଣି ଟାଙ୍କି।




କାନ୍ଥରେ ଲେଖାଯାଇଥିବା ଫଳକ।

ନାଉଗାଁ,୩।୧ (ସୁଧା ବେହୁରା)

ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ବସୁଧା ଯୋଜନା କାର୍ଯ୍ୟକାରୀ ହେଉଛି। ଏହି ଯୋଜନାରେ ପାନୀୟ ଜଳ ଯୋଗାଇବାକୁ ସୁଉଚ୍ଚ ପାଣି ଟାଙ୍କି ନିର୍ମାଣ କରାଯାଉଛି। ପ୍ରକଳ୍ପ ନିକଟରୁ ପ୍ରତ୍ୟେକ ଗ୍ରାମକୁ ପାଇପ ସାହାଯ୍ୟରେ ସଂଯୋଗୀକରଣ କରାଯାଇ ବିଶୁଦ୍ଧ ପାନୀୟ ଜଳ ଯୋଗାଇବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଯୋଜନାରେ ନାଉଗାଁ ବ୍ଲକର ନୂଆଗାଁ ପଞ୍ଚାୟତ ଖଇରାବସ୍ତଠାରେ ଏକ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଛି। ଉକ୍ତ ପ୍ରକଳ୍ପ କାମ ସରିଥିବା ବେଳେ ପ୍ରକଳ୍ପରୁ ପାନୀୟ ଜଳ ଯୋଗାଇବା ପାଇଁ ଖଇରାବସ୍ତ ଓ ଚମ୍ପେଶ୍ୱର ଆଦି ଗ୍ରାମକୁ ପାଇପ ସଂଯୋଗ କରାଯାଇଛି। କିଛିଦିନ ତଳେ ଉକ୍ତ କାମ ସରିଥିବା ବେଳେ ସଂଯୋଗ ପାଇପରେ ଠିକ୍ ଭାବେ ପାଣି ଯାଉଛି କି ନାହିଁ ମୋଟର ଚଳାଇ ପରୀକ୍ଷା କରାଯାଇଥିଲା। ଏହି ସମୟରେ ନିର୍ମିତ ପାଣି ଟାଙ୍କିର ପାଣି ଝରିଥିଲା। ଫଳରେ ଟାଙ୍କିରେ ପାଣି ରହି ନ ଥିଲା। ନିମ୍ନମାନର କାମ ଯୋଗୁ ବ୍ୟବହାର ପୂର୍ବରୁ ନିର୍ମିତ ଟାଙ୍କିରେ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଯାହାକି ପାନୀୟ ଜଳ ପ୍ରକଳ୍ପର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାନ୍ଥରେ ଦର୍ଶାଯାଇଥିବା ସୂଚନା ଫଳକର ତଥ୍ୟ ଅନୁସାରେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଏହାର ତଦାରଖ ଦାୟିତ୍ୱରେ ରହିଛି। ଏହି ପ୍ରକଳ୍ପ ପାଇଁ ୧ କୋଟି ୧୫ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ପଞ୍ଚାୟତର ସରପଞ୍ଚ ଦୋଳଗୋବିନ୍ଦ ରାଉଳଙ୍କୁ ପଚାରିବାରେ ଖଇରାବସ୍ତଠାରେ ନିର୍ମାଣ କରାଯାଇଥିବା ପାଣି ଟାଙ୍କି ପଞ୍ଚାୟତକୁ ହସ୍ତାନ୍ତର କରାଯାଇନାହିଁ। ନିର୍ମାଣ ପରେ ପାଣି ଟାଙ୍କିରେ ପାଣି ଭର୍ତ୍ତି କରିବାରୁ ଟାଙ୍କିରୁ ପାଣି ଝରି ଯାଇଥିବା ସ୍ଥାନୀୟ ବାସିନ୍ଦା କହିଥିଲେ। ପାଣି ଝରିବା ପରେ ପାଣି ସଂଯୋଗ ଦିଆଯାଇ ନାହିଁ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ନାଉଗାଁ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ଯନ୍ତ୍ରୀ ରଶ୍ମି ରଞ୍ଜନ ଦାସଙ୍କୁ ପଚାରିବାରେ ପାଇପ ସଂଯୋଗ ପରେ ଟେଷ୍ଟିଂ ସମୟରେ ଟାଙ୍କିରୁ ପାଣି ଝରି ଥିଲା। ତେଣୁ ପୁନର୍ବାର କାମ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ରାସ୍ତାର ସମସ୍ୟା ନେଇ ୫-ଟି ଅଧକ୍ଷଙ୍କୁ ଅଭିଯୋଗ ପତ୍ର

ଖଜୁରିପଡା,୩।୧(ବିଦୁର ବେହେରା)

ଖଜୁରିପଡା ପଞ୍ଚାୟତର ତିନୋଟି ୱାର୍ଡ ସୁରାଦେଇ, ଉରୁମୁଣ୍ଡାଓ କୁଟିବାରିରେ ୮୦୦ରୁ୧୦୦୦ଲୋକମାନେ ବସ ବାସ କରନ୍ତି। ସେମାନଙ୍କ ଯିବା ଆସିବା ପାଇଁ ମୁଖ୍ୟରାସ୍ତା ହେଉଛି ଖଜୁରିପଡା ଉଚ୍ଚ ବିଦ୍ୟାଳୟ ଛକଠାରୁ ସୁରାଦେଇ, ଉରୁମୁଣ୍ଡା, କୁଟିବାରି ଓ କେରେ, ଏହି ରାସ୍ତାର ଅବସ୍ଥା ଅତି ଶୋଚନୀୟ ବର୍ଷା ଦିନ ତ ନ କହିବା ଭଲ। ବାରମ୍ବାର ଅଭିଯୋଗ କଲେ ମଧ କୋଣସି ଲୋକ କିମ୍ବା ପ୍ରଶାସନ ଶୁଣୁ ନ ଥିବା କହିଛନ୍ତି। ନିର୍ବାଚନ ପାଖେଇ ଆସିଲେ ଭୋଟ ପାଇବା ପାଇଁ ବିଧାୟକ, ଏମ୍‌ପି, ସରପଞ୍ଚ ସବୁ ଅଶୋସନା ଦେଇ ଚାଲିଯାନ୍ତି। ନିର୍ବାଚନ ସରିଲେ ନିରବ ରହି ଯାଉଛନ୍ତି। ଏ ନେଇ ସେମାନେ ଆଗରୁ ମଧ ଜିଲାପାଳ, ବିଡିଓ, ସରପଞ୍ଚ, ୫-ଟି ଅଧକ୍ଙୁ ଅଭିଯୋଗ କରିଥିଲେ କିନ୍ତୁ କୋଣସି ସୁଫଳ ନ ମିଳିବାରୁ ସ୍ଥାନୀୟ ବିଧାୟକ ଅଙ୍ଗଦ କଂହରଙ୍କୁ ଗ୍ରାମବାସୀ, କୃପାସିନ୍ଧୁ ସାହୁ, ୱାର୍ଡ ମେମ୍ବର ଶେଷ ଦେବ ବେହେରା, ମିଥୁନ ବେହେରା, ପ୍ରଭାତ ସାହୁ, କେଶବ ସାହୁ ଲିଖିତ ଅଭିଯୋଗ କରିଛନ୍ତି। ଏହାର ସମାଧାନ ନ ହେଲେ ଆଗାମୀ ଦିନରେ ପଞ୍ଚାୟତ ବନ୍ଦ କରିବା ସହିତ ବ୍ଲକ ଅଫିସ ଘେରାଓ କରିବା ପାଇଁ ଧମକ ଦେଇଛନ୍ତି।

### ସୁଉଚ୍ଚ ତ୍ରିରଙ୍ଗା ପତାକା ସ୍ତମ୍ଭକୁ ଉଦ୍‌ଘାଟନ କଲେ ଜିଲାପାଳ

ଚନ୍ଦ୍ରଗିରି,୩।୧(ସୁକାନ୍ତ କୁମାର ରଥ)

ଗଜପତି ଜିଲା ମୋହନା ବ୍ଲକର ଜିରାଙ୍ଗ ବୁଦ୍ଧ ମନ୍ଦିର ପରିସରରେ ବୁଧବାର ବର୍ଣ୍ଣାଢ଼୍ୟ ଉତ୍ସବରେ ଗଜପତି ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ୧୯ମିଟର ଉଚ୍ଚ ବିଶିଷ୍ଟ ସ୍ତମ୍ଭରେ ୧୬ଫୁଟ ଓସାର ସହ ୨୪ ଫୁଟ ଲମ୍ବ ବିଶିଷ୍ଟ ତ୍ରିରଙ୍ଗା ପତାକାକୁ ଉଦ୍‌ଘାଟନ କରିଛନ୍ତି। ଏଥିରେ ବିଭାଗୀୟ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଇଂ. ନଗେନ୍ଦ୍ର ନାଥ ମହାରଣା ଅତିଥି ଭାବେ ଉପସ୍ଥିତ ଥିବା ବେଳେ ସ୍ଥାନୀୟ ଅଧିକ୍ଷଣ ଯନ୍ତ୍ରୀ ଇଂ. ବିରେନ୍ଦ୍ର କୁମାର ଜଗତ ନିଜ ସହକର୍ମୀଙ୍କ ସହ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।ଏଥିସହ ତିବତିଆନ ମନ୍ଦିର ମୁଖ୍ୟ ଗୁରୁଜୀ ଖେନ୍ପୋ ପେମାଙ୍କ ସହ ସ୍ଥାନୀୟ ତିବ୍ବତିଆନ କମିଟି ଅଧିକାରୀ ଚେମ୍ପାଲ ଦଣ୍ଡୁପ୍ ମଧ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଜିଲାପାଳ ତ୍ରିରଙ୍ଗା ପତାକା ସ୍ତମ୍ଭ ଉଦଘାଟନ ପରେ ଜଳସେଚନ ବିଭାଗ ପକ୍ଷରୁ ୧୫ ଲକ୍ଷ ଟଙ୍କାରେ ହେବାକୁ ଥିବା ଅତିଥି ଭବନର ଶିଳାନ୍ୟାସ କରିଥିଲେ। ଏହି ସମାରୋହରେ ବିଭାଗୀୟ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ନଗେନ୍ଦ୍ର ନାଥ ମହାରଣାଙ୍କ ସମେତ ଅଧିକ୍ଷଣ ଯନ୍ତ୍ରୀ ଜଗନାଥଙ୍କଠାରେ ଦୀପ ଧୂପ ଦେଇ ଶିଳାନ୍ୟାସ କରିଥିଲେ।

### ୨ ବର୍ଷ ପରେ ବି ସରୁନାହିଁ ପୋଲ ନିର୍ମାଣ, ଜନ ଅସନ୍ତୋଷ



ଖଜୁରିପଡା,୩।୧(ବିଦୁର ବେହେରା)

ଫୁଲବାଣୀଠାରୁ ଭୁବନେଶ୍ୱର ଯାଇଥିବା ୧୫୭ନଂ ଜାତୀୟ ରାଜପଥର ଗଡ଼ିଆପଡାଠାରେ ଥିବା ବହୁ ପୁରୁଣା, ତୀକ୍ଷ୍ଣ ଗୋଲେଇ ଏବଂ ଅଣଓସାରିଆ ପୋଲ ଥିବାରୁ ଏଠାରେ ଅନେକ ଦୁର୍ଘଟଣା ଘଟୁଛି। ତେଣୁ ଏଠାରେ ଫୁଲବାଣୀ ପୂର୍ତ୍ତ ବିଭାଗ ପକ୍ଷରୁ ଏକ ପୋଲ ନିର୍ମାଣ କାର୍ଯ୍ୟ ପାଇଁ ଏକ ଟେଣ୍ଡର କରାଯାଇଥିଲା। ଏହି କାର୍ଯ୍ୟ କରିବା ପାଇଁ ଜଣେ ଠିକାଦାର ନେଇଥିଲେ। ଏହି କାର୍ଯ୍ୟ (ଆରମ୍ଭ ୫-୧-୨୦୨୨ରୁ ଶେଷ୨୪-୧୨-୨୦୨୨)ଏକ ବର୍ଷ ମଧ୍ୟରେ ଶେଷ କରିବା ପାଇଁ ଧାର୍ଯ୍ୟ ସମୟ ସୀମା ନିର୍ଦ୍ଧାରଣ କରାଯାଇଥିଲା। ଏଥି ମଧ୍ୟରେ ଦୁଇ ବର୍ଷ ବିତିଯାଇଥିଲେ ମଧ୍ୟ ପୋଲ ନିର୍ମାଣ କାର୍ଯ୍ୟ ଶେଷ ହୋଇନାହିଁ। ଫଳରେ ଜନ ଅସନ୍ତୋଷ ଦେଖାଦେଇଛି। ଏନେଇ ବ୍ଲକ କଂଗ୍ରେସ ସଭାପତି ସ୍ୱାଧୀନ ବେହେରା ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀକୁ ଲିଖିତ ଅଭିଯୋଗ କରାଯିବ ବୋଲି କହିଛନ୍ତି। ଶୀଘ୍ର ଶେଷ କରିବା ପାଇଁ ସାଧାରଣରେ ଦାବି ହେଉଛି। ଏନେଇ ପୂର୍ତ୍ତ ବିଭାଗ ସହକାରୀ ଅଧିକ୍ଷଣ ଯନ୍ତ୍ରୀ ପ୍ରତାପ ମିଶ୍ର(ଉତ୍ତର)କୁ ପଚାରିବାରୁ ଜମି ସମସ୍ୟା ଥିବାରୁ ନିର୍ମାଣ କାର୍ଯ୍ୟ ବିଳମ୍ବ ହେଉଛି। ଶୀଘ୍ର ପୋଲ ନିର୍ମାଣ କାର୍ଯ୍ୟ ଶେଷ କରାଯିବ ବୋଲି ସେ କହିଛନ୍ତି।

# ଜନଜାତି ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ

ରାଇକିଆ,୩।୧(ପ୍ରଦୀପବେହେରା)

ରାଇକିଆ ସେଣ୍ଟ କ୍ୟାଥରିନ ଖେଳ ପଡ଼ିଆଠାରେ ଦୁଇ ଦିନ ଧରି ଅନୁଷ୍ଠିତ ଜନଜାତି ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଅତିଥି ଭାବେ ଓଡ଼ିଶା ବିଧାନସଭା ଉପ ବାଚସ୍ପତି ସାଲୁଗା ପ୍ରଧାନ ଯୋଗ ଦେଇଥିଲେ। ଜନଜାତି ସଂସ୍କୃତି ଓ ପରିଚୟକୁ ପ୍ରଚାର ଓ ପ୍ରସାର ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ପଞ୍ଚାୟତ ଏବଂ ବିଦ୍ୟାଳୟରୁ ଆସିଥିବା ବିଭିନ୍ନ ଗ୍ରୁପଙ୍କ ଦ୍ୱାରା ସାଂସ୍କୃତିକ ନୃତ୍ୟ ପରିବେଷଣ କରାଯାଇଥିଲା। ପୂର୍ବରୁ ଜନଜାତି ଛାତ୍ର ଛାତ୍ରୀଙ୍କୁ ନେଇ ଅନୁଷ୍ଠିତ କ୍ରିଡ଼ା ଓ ବିଭିନ୍ନ ପ୍ରତିଯୋଗିତାରେ କୃତୀ



ପ୍ରତିଯୋଗୀ ଙ୍କୁ ପୁରସ୍କୃତ କରାଯାଇଥିଲା । ଦୁଇ ଦିନ ଧରି ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ମାନଙ୍କ ମଧ୍ୟରେ ରାଇକିଆ ବ୍ଲକ ଅଧକ୍ଷ ପ୍ରୀତମ ପ୍ରଧାନ, ରାଇକିଆ ବିଡିଓ ସୀମାଞ୍ଚଳ ମଣ୍ଡଳ, ରାଇକିଆ ବ୍ଲକ ସ୍ୱତନ୍ତ୍ର ବିକାଶ ପରିଷଦ ସଦସ୍ୟ ଭୂଷଣ ପ୍ରଧାନ, ସରପଞ୍ଚ ଗୀତାଞ୍ଜଳୀ ନାୟକ, ବେରେଡାକିଆ ସରପଞ୍ଚ ଅକ୍ଷୟ ପ୍ରଧାନ, କୁଇ ସମାଜ ଅଧକ୍ଷ ଭାସ୍କର ପ୍ରଧାନ, ଏମ୍‌ପି ପ୍ରତିନିଧି ସୁଧାଂଶୁ ପାଣଗ୍ରାହୀ, ପୂର୍ବତନ ବ୍ଲକ ଅଧକ୍ଷ ପ୍ରଦୀପ ପ୍ରଧାନ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଜୁଲିମା ଦଳବେହେରା, ଟିକାବାଲି ବ୍ଲକ ଅଧକ୍ଷ ଦିଲ୍ଲୀପ କଂହର, ଜି.ଉଦୟଗିରି ବ୍ଲକ ଅଧକ୍ଷା ସୁଷମା ପ୍ରଧାନ, ଉପାଧକ୍ଷ ଲୁକ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ମଙ୍ଗଳବାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ବିକାଶ ପରିଷଦ ଅଧକ୍ଷ ରୋଦନ ମଲିକ, ଜିଲାପରିଷଦ ଅଧକ୍ଷା ନନ୍ଦିନୀ ମଲିକ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ଉର୍ମିଳା ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷକ ତ୍ରିଲୋଚନ ପଣ୍ଡା ଏବଂ ସୁଧୀର କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ।

# ଗ୍ରାମ କଣ୍ଟକ ପଟ୍ଟା ବଣ୍ଟନ



ଗ୍ରାମ କଣ୍ଟକ ପଟ୍ଟା ବଣ୍ଟନ କରୁଛନ୍ତି ଅତିଥି।

ଗଞ୍ଜାମ,୩।୧(ବିଦ୍ୟାଧର ସାହୁ)

ଗଞ୍ଜାମ ତହସିଲ ପକ୍ଷରୁ ତହସିଲ କାର୍ଯ୍ୟାଳୟ ପରିସରରେ ଗ୍ରାମକଣ୍ଟକ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଉପଜିଲାପାଳ ଦେବଦତ୍ତ ମହନ୍ତ, ବ୍ଲକ ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ଜିଲା ପରିଷଦ ସଭ୍ୟ ସନାତନ ବେହେରା, ଏନ୍‌ଏସି ଉପାଧକ୍ଷ ସୁରେନ୍ଦ୍ର କୁମାର ବାରିକି ପ୍ରମୁଖ ଉପସ୍ଥିତ ଥିଲେ। ତହସିଲଦାର କୁଞ୍ଜ ବିହାରୀ ବଡ଼ଜେନା ସ୍ୱାଗତ ଭାଷଣ ଦେଇଥିଲେ। ରାଣିଶ୍ରୀ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ତହସିଲ ଅଧୀନରେ ଥିବା ବିଭିନ୍ନ ଗ୍ରାମର ୩୮୩ ଜଣଙ୍କୁ ପଟ୍ଟା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ହିସାବ ରକ୍ଷକ ନଳିନୀ କାନ୍ତ ନାହାକ, କନିଷ୍ଠ ରାଜସ୍ୱ ନିରୀକ୍ଷକ ଦିନେଶ ପାତ୍ର, ସମୀର ପାଢ଼ୀ, ମୁଖ୍ୟ କିରାଣି ଗାନ୍ଧୀ ତରେଇ, କାଞ୍ଚନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମଲାଡ଼ ସରପଞ୍ଚ ମମତା ବେହେରା, ସରପଞ୍ଚ ପ୍ରତିନିଧି ସୁଦାମ ବେହେରା, ବିଜେଡି ଏନ୍‌ଏସି ଯୁବ ସଭାପତି ସୁଧୀର କୁମାର ପାଢ଼ୀ, ଛାତ୍ର ସଭାପତି ରାକେଶ ରଞ୍ଜନ ଦାସ, ବିଭୂତି ପଲାଇ, ଋତୁରାଜ ମହାପାତ୍ର, ମନୋଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଦିଗପହଣ୍ଡି ତହସିଲ ପକ୍ଷରୁ ରାଜସ୍ୱ ମେଳା

ଦିଗପହଣ୍ଡି,୩।୧(ଅଶେଷ ନାଥ ମିଶ୍ର):

ଦିଗପହଣ୍ଡି ତହସିଲ କାର୍ଯ୍ୟାଳୟ ପକ୍ଷରୁ ରାଜସ୍ୱ ମେଳା ସ୍ଥାନୀୟ ଖେମୁଣ୍ଡି ମହାବିଦ୍ୟାଳୟ ନିକଟସ୍ଥ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି ତହସିଲଦାର ଅଶୋକ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରରେ ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସେହିପରି ବ୍ରହ୍ମପୁର ଉପଜିଲାପାଳ ଆଶୁତୋଷ କୁଲକର୍ଣ୍ଣୀ ମୁଖ୍ୟବକ୍ତା, ଦିଗପହଣ୍ଡି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ.ଚିତ୍ତରଞ୍ଜନ ଦାସ, ଅତିରିକ୍ତ ତହସିଲଦାର ସନାତନ ମହାଲିକ, ବ୍ଲକ ଅଧକ୍ଷା ଯମୁନା ନାୟକ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ପରିପ୍ରେକ୍ଷୀରେ ଦିଗପହଣ୍ଡି ତହସିଲ ଅଧିନସ୍ଥ ବିଭିନ୍ନ ମୌଜାର ହିତାଧିକାରୀଙ୍କ ବିଭିନ୍ନ ଜମିଜମା ସମ୍ପର୍କିତ ପଟ୍ଟା ପଞ୍ଜିକରଣ କରାଯାଇଥିଲା। ପରିଶେଷରେ ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ୧୦୮୪ ହିତାଧିକାରୀଙ୍କୁ ସେମାନଙ୍କ ପଟ୍ଟା ବଣ୍ଟନ କରାଯାଇଥିଲା।



ଜଣେ ହିତାଧିକାରୀଙ୍କୁ ମୁଖ୍ୟ ଅତିଥି ପଟ୍ଟା ପ୍ରଦାନ କରୁଛନ୍ତି।

ଏପରିକି ୧୦୪୪ ହିତାଧିକାରୀଙ୍କୁ ଘରବାରି ପଟ୍ଟା ଏବଂ କେବଳ ଆଦିବାସୀ ଲୋକଙ୍କ ପାଇଁ ୪୦ ଟି ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଥିଲା। ରାଜସ୍ୱ ସୁପରଭାଇଜର ବାବୁ ସେଠୀ, ଜି .ଲକ୍ଷ୍ମୀ ଦେବୀ, ତିଲୋତ୍ତମା ଦୋରା, ରାଜସ୍ୱ ନୀରିକ୍ଷକ ଅକ୍ଷୟ ମଲ୍ଲିକ, ଉପେନ୍ଦ୍ର ବେହେରା, ଗିରିଜା ମଲ୍ଲିକ, ସୁନୀଲ ବେହେରା, ସନାତନ ରଣା, ସୁଶାନ୍ତ ବେହେରା, ଯଜ୍ଞ ବେହେରା, ରାମ ସାହୁ, ବିଘ୍ନେଶ୍ୱର ଆଚାର୍ଯ୍ୟ, ପୁଷ୍ପାଞ୍ଜଳି ମଲ୍ଲିକ, ବନିତା ପ୍ରଧାନ, ଅମିତ ସ୍ୱାଇଁଙ୍କ ସମେତ ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚ ରଞ୍ଜନ କୁମାର ସାହୁ, ମନୋରଞ୍ଜନ ଗୌଡ଼ଙ୍କ ସମେତ ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ।

## ଦିବ୍ୟସିଂହପୁର ଗ୍ରାମରେ ପୂଜ୍ୟ ପୂଜନ କାର୍ଯ୍ୟକ୍ରମ

ଛତ୍ରପୁର,୩।୧(ଦିଲୀପ ସାମଲ/ସନ୍ତୋଷ ପାଢ଼ୀ)

ଛତ୍ରପୁର ବ୍ଲକ ଅନ୍ତର୍ଗତ ଦିବ୍ୟସିଂହପୁର ଶାସନ ଗ୍ରାମରେ ଯୁବକ ସଂଘ ତରଫରୁ ସୋମବାର ନବବର୍ଷକୁ ସ୍ୱାଗତ କରିବା ଅବସରରେ ବରିଷ୍ଠ ନାଗରିକମାନଙ୍କୁ ସମ୍ମାନ ଦେବା ପାଇଁ ପୂଜ୍ୟ ପୂଜନ କାର୍ଯ୍ୟକ୍ରମ ବାସୁଦେବ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୀମାଞ୍ଚଳ ସାସ୍ମଲ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ପିତାମ୍ବର ପାଣିଗ୍ରାହୀ ଯୋଗ ଦେଇଥିଲେ। ଅଞ୍ଚଳର ବରିଷ୍ଠ ଅବସରପ୍ରାପ୍ତ ଶିକ୍ଷକମାନଙ୍କ ମଧ୍ୟରେ ଲିଙ୍ଗରାଜ ପ୍ରଧାନ, ଅଭିମନ୍ୟୁ ମିଶ୍ର, ତ୍ରିନାଥ ବ୍ରହ୍ମା, ଶରତ ଚନ୍ଦ୍ର ମିଶ୍ର, ରାଜେନ୍ଦ୍ର ଶତପଥୀ, କୈଳାଶ ଚନ୍ଦ୍ର ମିଶ୍ର, ରଙ୍ଗନାଥ ଶତପଥୀ, ଦଣ୍ଡପାଣି ଶତପଥୀ, ରମେଶ ଚନ୍ଦ୍ର ତ୍ରିପାଠୀ, ନୀଳକଣ୍ଠ ତ୍ରିପାଠୀ, ଅବସର ପ୍ରାପ୍ତ ଅଧକ୍ଷ ଗୋପାଳକୃଷ୍ଣ ନନ୍ଦ, ପବନା ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଯୁବକ ସଂଘର କର୍ମକର୍ତ୍ତା ସୁଧାଂଶୁ ଶେଖର ମିଶ୍ର, ଲୋକନାଥ ତ୍ରିପାଠୀ, ନୀଳକଣ୍ଠ ଶତପଥୀ, ସୁଧାଂଶୁ ଶେଖର ଶତପଥୀ, ପ୍ରଦୀପ କୁମାର ଶତପଥୀ, ବିରଞ୍ଚି ନାରାୟଣ ଶତପଥୀ, ଦୁର୍ଗାଚରଣ ଶତପଥୀ, ତପନ କୁମାର ଶତପଥୀ, ଅକ୍ଷୟ ମିଶ୍ର, ପ୍ରଶାନ୍ତ କୁମାର ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ବରିଷ୍ଠ ନାଗରିକ ।

ଗଞ୍ଜାମ,୩।୧(ବିଦ୍ୟାଧର ସାହୁ)

ସ୍ଥାନୀୟ ବୁଢ଼ି ଠାକୁରାଣୀ ମନ୍ଦିରଠାରେ ଡିସେମ୍ବର ୩୧ ତାରିଖରେ ଏକ କାର୍ଯ୍ୟକ୍ରମରେ ୨୦ ଜଣ ବୟୋଜ୍ୟେଷ୍ଠ ମହିଳା ଓ ପୁରୁଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିଲାଗି ହୋଇଥିବା ସଭାରେ ସମାଜିକ କର୍ମୀ ଓ ଶିକ୍ଷାବିତ ଅବସରପ୍ରାପ୍ତ ପ୍ରାଧ୍ୟାପକ ଗୋବିନ୍ଦ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଗଞ୍ଜାମ ପୌରାଞ୍ଚଳ ବରିଷ୍ଠ ନାଗରିକ ପରିଷଦର ସଭାପତି ଲିଙ୍ଗରାଜ ପଟ୍ଟନାୟକ ଏବଂ ସମ୍ପାଦକ ଗୌରୀଶଙ୍କର ପାଢ଼ି ନିମନ୍ତ୍ରିତ ଅତିଥି ରୂପେ ଉପସ୍ଥିତ ଥିଲେ। ଗଞ୍ଜାମ ଏନଏସି ୨ନମ୍ବର ୱାର୍ଡ କାଉନସିଲର ରିତାରାଣୀ ମହାରଣା ଉପସ୍ଥିତ ରହିଥିଲେ। ସମାରୋହକୁ ସାମନ୍ତରା ସାହିର ବରିଷ୍ଠ ସ୍ୱେଚ୍ଛାସେବୀ ପ୍ରଶାନ୍ତ ପଣ୍ଡା, ଉପେନ୍ଦ୍ର ଆଚାର୍ଯ୍ୟ, ଗୌରି ପାଢ଼ି, ଉତ୍ତମ ପଣ୍ଡା, ବାସୁଦେବ ମହାରଣା ଏବଂ ବିନୋଦ ମହାପାତ୍ର ପ୍ରମୁଖ ନିଜସ୍ୱ ଉଦ୍ୟମରେ ଆୟୋଜନ କରିଥିଲେ।

# ଚିକିଟିରେ ଧାନମଣ୍ଡି ଖୋଲିଲା

ଚିକିଟି,୩।୧(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ ରାମଚନ୍ଦ୍ରପୁର ଓ ଚିକିଟି ସେବା ସମବାୟ ସମିତି ପରିସରରେ ବୁଧବାର ପୃଥକ ଭାବେ ଧାନମଣ୍ଡି ଖୋଲାଯାଇଛି। କାର୍ଯ୍ୟକ୍ରମରେ ଚିକିଟି ତହସିଲଦାର ବଳଦେବ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାଷୀମାନେ ମଣ୍ଡିରେ ସରକାରଙ୍କ ନିର୍ଦ୍ଧାରିତ ଦରରେ ଧାନଦେଇ ଉଚିତ ମୂଲ୍ୟ ପାଆନ୍ତୁ ବୋଲି କହିଥିଲେ। ପ୍ରଥମ ଦିନ ଉକ୍ତ ୨ଟି ମଣ୍ଡିରେ ୧୫୦ କୁଇଣ୍ଟାଲ ଧାନ କିଣାଯାଇଥିବା ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି। ଏଭଳି ୧୭ଟି ପଞ୍ଚାୟତରେ ପର୍ଯ୍ୟାୟକ୍ରମେ ମୋଟ ୨୦ଟି ମଣ୍ଡି ଖୋଲାଯିବ ବୋଲି କହିଛନ୍ତି।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

କାର୍ଯ୍ୟକ୍ରମରେ ଚିକିଟି ଏନ୍‌ଏସି ଅଧକ୍ଷା ଦୀପା କୁମାରୀ ସାହୁ, ଚିକିଟି ସେବା ସମବାୟ ସମିତିର ବ୍ୟାଙ୍କ ମ୍ୟାନେଜର ରଞ୍ଜିତ କୁମାର ତରାଇ, ଚିକିଟି ଯୋଗାଣ ବିଭାଗର ଅଧିକାରୀ ପଦ୍ମେଷ ଶତପଥୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ଅଶୋକ କୁମାର ଦଳେଇ, ରାମଚନ୍ଦ୍ରପୁର ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଏ ଉମା ରେଡ୍ଡୀ, ନୂଆପଡା ସେବା ସମବାୟ ସମିତିର ସମ୍ପାଦକ ପ୍ରମୋଦ କୁମାର ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# କାର୍ଯ୍ୟରେ ଯୋଗଦେଲେ ସଫେଇ କର୍ମଚାରୀ

ରାୟଗଡ଼ା,୩।୧(ଆଶିଷ ରଞ୍ଜନ ପଣ୍ଡା)

ଶ୍ରମ ବିଭାଗର ମଧ୍ୟସ୍ଥତା ପରେ ଠିକା ସଂସ୍ଥା ଓ ସଫେଇ କର୍ମଚାରୀ ସଂଘ ମଧ୍ୟରେ ଲାଗିଥିବା ବିବାଦରେ ପୂର୍ଣ୍ଣଚ୍ଛେଦ ପଡିଲା। ପର୍ଯ୍ୟାୟକ୍ରମେ ସଫେଇ କର୍ମଚାରୀଙ୍କ ଦାବି ପୂରଣ ହେବା ନେଇ ପ୍ରତିଶ୍ରୁତି ମିଳିବା ପରେ ବୁଧବାରଠାରୁ କାର୍ଯ୍ୟରେ ଯୋଗଦେଲେ ସଫେଇ କର୍ମଚାରୀ। ୩ ଦିନ ଧରି ସହରରେ ଭରି ରହିଥିବା ଆବର୍ଜନା ବୁଧବାର ସଫା କରାଯାଇଥିବାରୁ ସହରବାସୀ ଆଶ୍ୱସ୍ତି ଲାଭ କରିଛନ୍ତି। ସମସ୍ତ ସଫେଇ କର୍ମଚାରୀଙ୍କୁ ସୁରକ୍ଷା ସାମଗ୍ରୀ ପ୍ରଦାନ ସହିତ ସେମାନଙ୍କ ସ୍ୱାସ୍ଥ୍ୟସେବା ଠିକା ସଂସ୍ଥା କରିବ। ପ୍ରତି ୩ ସପ୍ତାହରେ ଗୋଟିଏ ଦିନ ଦେୟ ଛୁଟି ପ୍ରଦାନ କରାଯିବ।

# ଜନଜାତି ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଫୁଲବାଣୀ,୩।୧(ରାକେଶ କୁମାର ରାଉତ)

ଫୁଲବାଣୀ କରୋନେସନ ପଡିଆରେ ଦୁଇ ଦିନ ଧରି ଚାଲିଥିବା ବ୍ଲକସ୍ତରୀୟ ଜନଜାତି ସାଂସ୍କୃତିକ ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ଆୟୋଜିତ ଉଦ୍‌ଯାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ପ୍ରବୀଣ କୁମାର ବାଣୁଆ, ବିଡିଓ ପ୍ରତିକ ସାହୁ, କୁଇ ସମାଜ ସେବାସମିତି ସଭାପତି ସୁଦର୍ଶନ କହଁର, ସମ୍ପାଦକ ଅବନୀ କହଁର, ବ୍ଲକ ଅଧକ୍ଷା ସସ୍ମିତା କହଁର, ଉପାଧକ୍ଷା ଶ୍ରୀନିବାସ ମଲ୍ଲିକ, ଜିଲା ପରିଷଦ ସଭ୍ୟା ଚନ୍ଦ୍ରମା ମଲିକ ପ୍ରମୁଖ ଯୋଗଦେଇ କୁଇ ସଂସ୍କୃତି ଉପରେ ଆଲୋଚନା କରିଥିଲେ।ଏହି ଉତ୍ସବରେ ଫୁଲବାଣୀ ବ୍ଲକର କଳାକାରମାନଙ୍କ ଦ୍ୱାରା ଆଦିବାସୀ ସଂସ୍କୃତି, ପରମ୍ପରାକୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ବ୍ଲକ ପ୍ରଶାସନ ପକ୍ଷରୁ ସାଂସ୍କୃତିକ ଦଳମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ସଡ଼କ ସୁରକ୍ଷା ସଚେତନତା

ପାରଳାଖେମୁଣ୍ଡି,୩।୧(ଗିରିଧାରୀ ପରିଚ୍ଛା):

ବାଇକ ଧରିଲେ ହେଲମେଟ ପିନ୍ଧନ୍ତୁ। ଦ୍ରୁତଗତି ମହାବିପଦ, ନିଜ ସୁରକ୍ଷା ନିଜ ହାତରେ। ଟ୍ରାଫିକ ନିୟମ ମାନି ଗାଡି ଚଳାନ୍ତୁ। ଏଭଳି ସଚେତନତାର ବାର୍ତ୍ତା ଦେଇଛନ୍ତି ଉପଖଣ୍ଡ ପୋଲିସ ଅଧିକାରୀ ମାଧବାନନ୍ଦ ନାୟକ। ଜାନୁୟାରୀ ୧ରୁ ୭ ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ସଚେତନତା ସପ୍ତାହ ପାଳିତ ହେଉଛି। ଏହି ଅବସରରେ ବୁଧବାର ଗଜପତି ଜିଲ୍ଲା ସଦର ମହକୁମା ଠାରେ ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା ସବୁଜ ପତାକା ଦେଖାଇ ଶ୍ରୀ ନାୟକ ଶୁଭାରମ୍ଭ କରିଛନ୍ତି। ଏହି ଶୋଭାଯାତ୍ରା ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟଠାରୁ ବାହାରି ରାଜନହର ପର୍ଯ୍ୟନ୍ତ ପରିକ୍ରମା କରିଥିଲା। ଉକ୍ତ କାର୍ଯ୍ୟକ୍ରମରେ ରିଜର୍ଭ ଇନ୍ସପେକ୍ଟର ପାରଳାଖେମୁଣ୍ଡି ସତ୍ୟକାନ୍ତ ମନୋରଞ୍ଜନ ଜେନା, ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ଶାନ୍ତନୁ କୁମାର ପରିଡ଼ା, ତୁଷାର ହେମ୍ବ୍ରମ ସମେତ ବିଭାଗୀୟ କର୍ମଚାରୀ ଓ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋଲିଆରେ ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ




ବୁଗୁଡା,୩।୧(କାଳିଚରଣ ଦାଶ)

ବୁଗୁଡା ବ୍ଲକ ଅନ୍ତର୍ଗତ ଗୋଲିଆ ଅଙ୍ଗନୱାଡି ଦ୍ୱିତୀୟ କେନ୍ଦ୍ରରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଆନୁକୂଲ୍ୟରେ ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କର୍ମୀ ଗୋଲାପ ପ୍ରଧାନଙ୍କ ପରିଚାଳନାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସିଡିପିଓ ବବିତା କୁମାରୀ ପଣ୍ଡା, ଅଞ୍ଚଳ ପରିଦର୍ଶିକା କୁସୁମ ପଣ୍ଡା ପ୍ରମୁଖ ଯୋଗଦେଇ କନ୍ୟା ଭ୍ରୁଣ ହତ୍ୟାକୁ ରୋକିବା ଓ ଶିଶୁ କନ୍ୟା ସନ୍ତାନଙ୍କ ସୁରକ୍ଷା ସହ ସେମାନଙ୍କ ଉପଯୁକ୍ତ ଯତ୍ନ ପ୍ରତି ଧ୍ୟାନ ଦେବା ସଂପର୍କରେ ମା'ମାନଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ ସିଡିପିଓ ଏବଂ ସୁପରଭାଇଜର ଜଣେ ମା' ଓ ଶିଶୁ କନ୍ୟାଙ୍କୁ ପୋଷାକ ଓ ମିଠା, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ମା' ଗ୍ରାମଦେବତୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ପାତ୍ରପୁର,୩।୧(ଉମା ଚରଣ ନେପାକ )

ପାତ୍ରପୁର ବ୍ଲକ ମନ୍ଦରଡ଼ା ପଞ୍ଚାୟତ ତିନିଘରିଆ ଗ୍ରାମର ଯୁବଗୋଷ୍ଠୀଙ୍କ ତରଫରୁ ୧୬ ଦଳକୁ ନେଇ ଅନୁଷ୍ଠିତ ହେଉଥିବା ମା' ଗ୍ରାମଦେବତୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଚିକିଟି ଯୁବରାଜ ତଥା ମନ୍ତ୍ରୀ ଉଷାଦେବୀଙ୍କ ପୁତ୍ର ଶ୍ରୀରୂପ ଦେଓ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ରାଜନେତା ସୁରେନ୍ଦ୍ର ମଣ୍ଡଳ, ମହନ୍ତ ରାମକିଶୋର ଦାସ, ବିଜୟ ପ୍ରଧାନ, କେଶବ କୁଣ୍ଡ, ରଘୁନନ୍ଦନ ସାହୁ, ଅମୂଲ୍ୟ ପଣ୍ଡା, ପୂର୍ବତନ ସରପଞ୍ଚ ବସନ୍ତ ପ୍ରଧାନ ପ୍ରମୁଖଙ୍କ ସହ ମନ୍ଦରଡ଼ା ଗ୍ରାମ୍ୟ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ସମସ୍ତ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ



ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଘାଟନୀ ଦିବସରେ ମାଉନ୍ଦପୁର ଓ ସାନଡୁମୁଳା ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ସାନଡୁମୁଳା ଦଳ ୧୨ ଓଭର ଖେଳି ୯ ଉଇକେଟ ବିନିମୟରେ ୧୩୪ ରନ କରିଥିବା ବେଳେ ମାଉନ୍ଦପୁର ଦଳ ମାତ୍ର ୮୩ ରନ କରିବାକୁ ସକ୍ଷମ ହୋଇ ୫୧ରନରେ ପରାସ୍ତ ହୋଇଥିଲା। ସାନଡୁମୁଳା ଦଳର ନିଳାଞ୍ଚଳ ଗୌଡ଼ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା । ପ୍ରଥମ ଦିନର ଖେଳକୁ ବସନ୍ତ ସେଠୀ ଓ ପିଣ୍ଟୁ ସେଠୀ ପରିଚାଳନା କରିଥିବା ବେଳେ ବସନ୍ତ ପ୍ରଧାନ ଓ କାହ୍ନା ସାହୁ ସ୍କୋରର ଦାୟିତ୍ୱ ତୁଲାଇଥିଲେ ଏବଂ ବିଜୟ ଗୌଡ଼ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟ ପରିଚାଳନାରେ କୁରାମଣି ପ୍ରଧାନ, ରଞ୍ଜନ ଗୌଡ଼, ହରିକୃଷ୍ଣ ପ୍ରଧାନ, ସରୋଜ ସେଠୀ ଓ ତିନିଘରିଆ ଗ୍ରାମବାସୀ ସହଯୋଗ କରିଥିଲେ। ଚାମ୍ପିୟନ ଟିମ୍‌କୁ ଟ୍ରଫିସହ ନଗଦ ୫୦ ହଜାର ଓ ରନର ଅପ ଦଳକୁ ଟ୍ରଫି ସହ ନଗଦ ୩୦ ହଜାର ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଛି। ଉଭୟ ଚାମ୍ପିୟନ ଏବଂ ରନର ଅପ ଦଳକୁ ମିଳିବାକୁ ଥିବା ନଗଦ ପୁରସ୍କାର ରାଶି ମନ୍ତ୍ରୀ ଉଷାଦେବୀଙ୍କ ତରଫରୁ ପ୍ରଦାନ କରାଯିବ ବୋଲି ଉଦ୍‌ଘାଟନ ବେଳେ ତାଙ୍କ ପୁତ୍ର ଶ୍ରୀରୂପ ଦେଓ ଉପସ୍ଥିତ ଖେଳାଳିଙ୍କୁ ସୂଚନା ଦେଇଥିଲେ।

**ସଂକ୍ଷେପରେ**

## ପଡ଼ିଆରେ ଖେଳିବାକୁ ନେଇ ଆକ୍ରମଣ, ଥାନାରେ ମାମଲା

ପାଣିକୋଇଲି,୩।୧(ବିକାଶ ମଲ୍ଲିକ):

ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଡ଼ିଆରେ ତାସ୍‌ଖେଳକୁ ନେଇ ଗୋଷ୍ଠୀ ସଂଘର୍ଷ ଘଟିଛି। କିଛି ବ୍ୟକ୍ତି ରାତ୍ରିରେ ତାସ ଖେଳୁଥିବାବେଳେ ଅନ୍ୟ ଏକ ଗୋଷ୍ଠୀ ଆସି ତାଙ୍କୁ ଉଠାଇ ସେଠାରେ ଖେଳିବାକୁ ବାଧ୍ୟ କରିଥିଲେ। ଖେଳୁଥିବାବ୍ୟକ୍ତିମାନେ ପ୍ରତିବାଦ କରିବାରୁ ସେମାନଙ୍କୁ ମାରପିଟ କରି କ୍ଷତାକ୍ତ କରିଥିଲେ। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ଏକ ମାମଲା ନଂ.୧/୨୪ ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଉକ୍ତ ଥାନା ଅନ୍ତର୍ଗତ ସାନ ବିରୁହାଁ ଗ୍ରାମର ପରଜିତ ଦଳେଇଙ୍କ ଅଭିଯୋଗ ମୁତାବକ ସେ ଅନ୍ୟ ଦୁଇ ଜଣଙ୍କୁ ଧରି ଗୋଳେଇପୁର ପଡ଼ିଆରେ ଖେଳ ଖେଳୁଥିଲେ। ଏହି ସମୟରେ ହାଟସାହି ଗ୍ରାମର ପ୍ରଶାନ୍ତ ମଳିକ, ନାଣ୍ଟୁ ମଳିକ, ଧୀରେନ ମଳିକ, କୁରୁପା ମଳିକ ପ୍ରମୁଖ ଆସି ପରଜିତଙ୍କୁ ସେଠାରୁ ଉଠ ଆମ୍ଭେ ଖେଳିବୁ ବୋଲି କରିଥିଲେ। ପରଜିତ ପ୍ରତିବାଦ କରିବାରୁ ସେମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ପରଜିତଙ୍କୁ ପ୍ରଶାନ୍ତ ଏକ ବ୍ଲେଡର କାଟି କ୍ଷତାକ୍ତ କରିଥିଲେ। ତାଙ୍କ ଗ୍ରାମର ସିଦ୍ଧାନ୍ତ ସାହୁ ଏହାର ପ୍ରତିବାଦ କରିବାରୁ ମିଳିତଭାବେ ତାଙ୍କୁ ମଧ୍ୟ ଆକ୍ରମଣ କରିବା ସହ ପିଟିଥିଲେ। ଫଳରେ ତାଙ୍କ ମୁଣ୍ଡ ଓ ଛାତିରେ ଆଘାତ ହୋଇ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସେମାନଙ୍କୁ ତୁରନ୍ତ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏନେଇ ପରଜିତ ଥାନାରେ ଅଭିଯୋଗ କରିଥିଲେ।

## ଗାଁରେ ବୁଲି ସ୍ୱାସ୍ଥ୍ୟସେବା ସହ ସଚେତନ କଲେ ଡାକ୍ତର

ଜେନାପୁର,୩।୧(ଅଶୋକ ଦାସ):

ମିଶନ ଶୂନ୍ୟ ସର୍ପ ଦଂଶନ ଲକ୍ଷ୍ୟନେଇ ଗାଁଗାଁରେ ଡାକ୍ତର ନିହାର ରଞ୍ଜନ କର ଓ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଆରମ୍ଭ ହୋଇଛି ସଚେତନତା ଅଭିଯାନ। ଏହିକ୍ରମରେ ଧର୍ମଶାଳା ବ୍ଲକ ଅନ୍ତର୍ଗତ ବୃନ୍ଦାଦେଇପୁର ପଞ୍ଚାୟତ ଡିଆକଷ୍ଟି ଗ୍ରାମରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିବେଶ ପରିଷ୍କାର ରଖିବା ସହିତ ସଚେତନ ହେଲେ ଆମେ ସର୍ପଦଂଶନ ଜନିତ ଆତଙ୍କକୁ ଦୂରେଇ ଦେଇ ପରିବା ବୋଲି ଡାକ୍ତର କର ଗୁରୁତ୍ୱାରୋପ କରିଥିଲେ। ଗାଁର ଶତାଧିକ ପୁରୁଷମହିଳାଙ୍କ ସମେତ ଯୁବକମାନେ ଉପସ୍ଥିତି ରହି ସଚେତନ ହୋଇଥିଲେ। ଗାଁର ଦାମୋଦର ମଳିକ ତାଙ୍କ ଭିନ୍ନକ୍ଷମ ପୁଅ ଅଜୟଙ୍କ ଚିକିତ୍ସା ପାଇଁ ସମସ୍ୟାରେ ଯୁଝି ହେଉଛନ୍ତି। ତେଣୁ ଅଜୟଙ୍କ ଚିକିତ୍ସା ପାଇଁ ସହଯୋଗ କରିବାକୁ ଡାକ୍ତର କର ଓ ସଚେତନ ନାଗରିକ ମଞ୍ଚ ପକ୍ଷରୁ କୁହାଯାଇଛି। ସେହିପରି ଡାକ୍ତର କର ଗାଁର ଶଯ୍ୟାଶାୟୀ ବୃଦ୍ଧାବୃଦ୍ଧଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଅର୍ଦ୍ଧ ଶିକ୍ଷିତ ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟ ସୁରକ୍ଷା ଉପରେ ଅବଗତ କରାଇଛନ୍ତି। ଏହି ଅଭିଯାନ ତୃଣମୂଳସ୍ତରରେ ଅନ୍ଧବିଶ୍ୱାସକୁ ନିପାତ କରିବା ସହିତ ସଚେତନତା ମାଧ୍ୟମରେ ଅନେକ ଜୀବନକୁ ସୁରକ୍ଷା ଦେବ ବୋଲି ସଚେତନ ନାଗରିକ ମଞ୍ଚ ପକ୍ଷରୁ କୁହାଯାଇଛି।

## ଥାନାଧିକାରିଣୀଙ୍କ ବିରୋଧରେ ଗଣଧାରଣା

କେନ୍ଦ୍ରାପଡା, ୩।୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡା ଜିଲା ମାର୍ଶାଘାଇ ଥାନା ପୋଲିସ ଜନସାଧାରଣଙ୍କ କଥା ଶୁଣୁନାହାନ୍ତି। ଜାତିଗତ ଆକ୍ଷେପକରି ଗାଳିଗୁଲଜ କରୁଛନ୍ତି। ଫଳରେ ସ୍ଥାନୀୟ ଅଞ୍ଚଳରେ ଅଶାନ୍ତି ସୃଷ୍ଟି ହେଉଛି। ଏପରି ଅଭିଯୋଗ ଆଣି ମୂଳନିବାସୀ ୟୁନାଇଟେଡ ଫୋରମ ଓଡ଼ିଶାର କାର୍ଯ୍ୟକାରୀ ଅଧ୍ୟକ୍ଷ ମନୋରଞ୍ଜନ ଜେନା ଓ ବିଳାସିନୀ ମଲ୍ଲିକଙ୍କ ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଗଣଧାରଣା ଦିଆଯାଇଥିଲା। ଏ ସମ୍ପର୍କରେ ସେମାନେ କହିଛନ୍ତି ଯେ, ଗତ ୧ ତାରିଖରେ ପଳାଶପୁର ଗ୍ରାମର ଖୁଲଣା ମଲ୍ଲିକଙ୍କ ସହ ପଡୋଶୀ ୩ ଜଣଙ୍କର ବିବାଦ ହୋଇଥିଲା। ଏହି ବିବାଦ ସମ୍ପର୍କରେ ଅଭିଯୋଗ ପତ୍ର ଥାନାରେ ଦିଆଯାଇଥିବା ବେଳେ ଖୁଲଣାଙ୍କୁ ପୋଲିସ ଜାତିଗତ ଆକ୍ଷେପ କରି ଗାଳିଗୁଲଜ କରିଥିଲା। ପ୍ରତିପକ୍ଷଙ୍କୁ ମାତ୍ର ୨ ଘଣ୍ଟା ଥାନାରେ ରଖି ଛାଡ଼ି ଦେଇଥିବା ବେଳେ ଏଫ୍‌ଆଇଆର କପି ପାଇଁ ଖୁଲଣାଙ୍କୁ ୨ଦିନ ଧରି ଅପେକ୍ଷା କରାଇଥିଲେ। ଗଣଧାରଣା ପରେ ଏଏସ୍‌ପି ଦେବାଶିଷ ଧଳ ଦାବିପତ୍ର ଗ୍ରହଣ କରିବା ସହିତ ଏସ୍‌ଡିପିଓ ଦେବେନ୍ଦ୍ର ମଲ୍ଲିକ ପ୍ରମୁଖଙ୍କ ସହ ଆଲୋଚନା କରିଥିଲେ।

# ଦଶାଶ୍ୱମେଧ ଘାଟ ପାଇଁ ୯.୯୯ କୋଟି ମଞ୍ଜୁର

### ନିକଟରେ ପୂର୍ବରୁ ୨ ବ୍ୟାରେଜର କାମ ଚାଲିଛି

ଯାଜପୁର,୩।୧(ହର୍ଷବର୍ଦ୍ଧନ ବେହେରା) :


ବୈତରଣୀ ନଦୀ ଉପରେ ଥିବା ଦଶାଶ୍ୱମେଧ ଘାଟ।

ବୈତରଣୀ ନଦୀ କୂଳରେ ଥିବା ଯାଜପୁର ଜିଲାର ସପ୍ତମାତୃକା ନିକଟ ଦଶାଶ୍ୱମେଧ ଘାଟର ବିକାଶ ହେବ। ଏଥିପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ରିଭର ଫ୍ରଣ୍ଟ ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମରେ ୯ କୋଟି ୯୯ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏହି ପ୍ରକଳ୍ପ ପାଇଁ ଗତ ୧୯।୮।୨୦୨୩ରେ ଅନୁଷ୍ଠିତ ଷ୍ଟେଟ୍ ଫ୍ଲଡ୍ କଣ୍ଟ୍ରୋଲ ବୋର୍ଡର ୧୪୧ ଟିଏସି ବୈଠକରେ ସୁପାରିସ ହୋଇଥିଲା। ତେବେ ଏହି ପ୍ରକଳ୍ପ ପାଇଁ ଅନୁଦାନ ମଞ୍ଜୁର ପରେ ଦଶାଶ୍ୱମେଧ ଘାଟର ନବକଳେବର ହେବା ସହିତ ପବିତ୍ର ବାରୁଣୀ ସ୍ନାନ ଆହୁରି ସହଜ ହୋଇ ପାରିବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷେ ପୂର୍ବରୁ ଏଠାରେ ୨ଟି ଆନିକଟ ନିର୍ମାଣ ଚାଲିଛି। ଏଥିପାଇଁ ୨୦୨୦-୨୧ ବର୍ଷରେ ୨୩୬.୭୩ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଏହିକ୍ରମରେ ଦଶାଶ୍ୱମେଧ ଘାଟ ଓ ସପ୍ତମାତୃକା ମନ୍ଦିର ସୌନ୍ଦର୍ଯ୍ୟକରଣ ପର୍ଯ୍ୟଟନ କ୍ଷେତ୍ରରେ ଏକ ନୂତନ ମାନ୍ୟତା ପ୍ରଦାନ କରିବ ବୋଲି ମତପ୍ରକାଶ ପାଇଛି।

ଇତିହାସରୁ ଜଣାପଡେ ଯେ, ମାନବ ସମାଜର ସଭ୍ୟତା ନଦନଦୀ ସଂସ୍କୃତିରୁ ହିଁ ପ୍ରଥମେ ଆରମ୍ଭ ହୋଇଥିଲା। ଆର୍ଯ୍ୟାବର୍ତ୍ତ ଭାରତବର୍ଷରେ ବୈଦିକ ଯୁଗର ସଭ୍ୟତା ଗଙ୍ଗା, ଗୋଦାବରୀ ଓ ବୈତରଣୀ ଭଳି ବହୁ ପବିତ୍ର ନଦୀ ଅବବାହିକାରୁ ହିଁ ଆରମ୍ଭ। ବିଶେଷକରି ପୁରାତନ ଯାଜପୁରର ବୈତରଣୀ କୂଳରେ ଅଶ୍ୱମେଧ ଯଜ୍ଞ ଓ ବିଶ୍ୱ ବିଖ୍ୟାତ ଦଶାଶ୍ୱମେଧ ଯଜ୍ଞ ହୋଇଥିବା କିମ୍ବଦନ୍ତୀରୁ ଜଣାପଡେ। ଯାଜପୁର ବିରଜାକ୍ଷେତ୍ରରେ ପ୍ରବାହିତ ବୈତରଣୀକୁ ଗଙ୍ଗା ରୂପିଣୀ ବୋଲି ମଧ କୁହାଯାଏ। ଏଠାରେ ପ୍ରତିବର୍ଷ ବାରୁଣୀ ସ୍ନାନ ଯୋଗ ପଡିବା ଉଲ୍ଲେଖଯୋଗ୍ୟ ଘଟଣା। ଏଥିପାଇଁ ଓଡ଼ିଶାର ପୁରପଲ୍ଲୀରୁ ତଥା ଭାରତର ବିଭିନ୍ନ ଅଞ୍ଚଳରୁ ଧର୍ମ ପ୍ରାଣ, ଈଶ୍ୱର ବିଶ୍ୱାସୀ, ତୀର୍ଥ ପ୍ରେମୀ, ସାଧୁ ସନ୍ୟାସୀ,ପଙ୍ଗୁ, ଅକର୍ମଣ୍ୟ ତଥା ଅସଂଖ୍ୟ ଯାତ୍ରୀ ବହୁ ସଂଖ୍ୟାରେ ଏହି ସ୍ଥାନରେ ସମବେତ ହୁଅନ୍ତି। ଏଠାରେ ସପ୍ତମାତୃକା ମନ୍ଦିର ରହିଛି। ମନ୍ଦିରର ମୁଖ୍ୟଦ୍ୱାର ପଶ୍ଚିମ ଦିଗରେ ଥିଲାବେଳେ ଉତ୍ତର ଦିଗକୁ ୪ଟି ଦ୍ୱାର ରହିଛି। ଏହି ମନ୍ଦିରରେ ଚାମୁଣ୍ଡା, ବରାହୀ, ମାହେଶ୍ୱରୀ, ଶିବଦୂତୀ, କୌମାରୀ, ବୈଷ୍ଣବୀ ଓ ଇନ୍ଦ୍ରାଣୀ ସପ୍ତମାତୃକା ଭାବେ ପୂଜା ପାଇଥାନ୍ତି। ଏହି ଦେବୀ ପ୍ରତିମାଗୁଡ଼ିକର ମୁଖ ବୈତରଣୀ ନଦୀପାର୍ଶ୍ୱକୁ ରହିଛି। ଓଡ଼ିଶାରେ ଥିବା ପ୍ରାଚୀନ ତନ୍ତ୍ରପୀଠ ମଧ୍ୟରୁ ଯାଜପୁରର ସପ୍ତମାତୃକା ପୀଠ କେବଳ ଭାରତ ବର୍ଷରେ ନୁହେଁ ସମଗ୍ର ବିଶ୍ୱରେ ପ୍ରାୟ ବିରଳ। ଏହିକ୍ରମରେ ଦଶାଶ୍ୱମେଧ ଘାଟ ଓ ସପ୍ତମାତୃକାର ବିକାଶ ପାଇଁ ଅନେକ ଥର ଦାବି ହେଉଥିଲା। ସେହି ଦୃଷ୍ଟିରୁ ମଞ୍ଜୁର ଉକ୍ତ ପ୍ରକଳ୍ପ କାମ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଶେଷ କରିବାକୁ ଜଳ ସମ୍ପଦ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍ ନିର୍ଦ୍ଦେଶପତ୍ରରେ ଗୁରୁତ୍ୱାରୋପ କରିଛନ୍ତି। ଏହାସହ ମଞ୍ଜୁର ଅର୍ଥରୁ ଅତିରିକ୍ତ ଅର୍ଥ ଖର୍ଚ୍ଚ ନ କରିବାକୁ କଡ଼ା ନିର୍ଦ୍ଦେଶ ହୋଇଛି।

## ସ୍କୁଲରେ ବେଆଇନ ଜଗୁଆଳି ନିଯୁକ୍ତି ଅଭିଯୋଗ

### ଫାଟକରେ ତାଲା ପକାଇଲେ ମହିଳା

ବରୀ,୩।୧(ମହେନ୍ଦ୍ର ସ୍ୱାଇଁ):

ବରୀ ଶିକ୍ଷା ମଣ୍ଡଳ ଅଧୀନ ସାମନ୍ତ ସିଂହାର ସରକାରୀ ଉଚ୍ଚ ବିଦ୍ୟାଳୟରେ ବେଆଇନଭାବେ ରାତ୍ରି ଜଗୁଆଳି ନିଯୁକ୍ତି ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ବୁଧବାର ସ୍ଥାନୀୟ ମହିଳାମାନେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଶିକ୍ଷୟିତ୍ରୀଶିକ୍ଷକ ଏବଂ ସମସ୍ତ କର୍ମଚାରୀଙ୍କୁ ଫାଟକରେ ତାଲା ପକାଇ ଅଟକ ରଖିଥିଲେ। ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଥିଲା। ଏନେଇ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ବିଶ୍ୱବନ୍ଦିତା ଦାସ ଫୋନ ଯୋଗେ ବରୀ ଥାନା ଅଧିକାରୀଙ୍କୁ ଜଣାଇବା ପରେ ପୋଲିସ ପହଞ୍ଚି ଅଭିଯୋଗକାରୀ ଏବଂ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲା। ଖୁବଶୀଘ୍ର ନିଯୁକ୍ତି ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ବିଦ୍ୟାଳୟକୁ ଡାକି ଚୂଡାନ୍ତ ନିଷ୍ପତ୍ତି ନିଆଯିବ ବୋଲି ପୋଲିସ କହିଥିଲା। ଏହାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏ ସମ୍ପର୍କରେ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଦାସଙ୍କୁ ପଚାରିବାରେ ଜଗୁଆଳି ନିଯୁକ୍ତି ତାଙ୍କ ପରିସରଭୁକ୍ତ ନୁହେଁ ବୋଲି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ବିଭିନ୍ନ ସମୟରେ ସରକାରଙ୍କ ତରଫରୁ ଆସୁଥିବା ଅନୁଦାନ ରାଶି ଖର୍ଚ୍ଚରେ ଏଠାରେ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ଏନେଇ ସୂଚନା ଅଧିକାର ବଳରେ ତଥ୍ୟ ମିଳିବା ପରେ ବିଗତ ଦିନରେ ଅଭିଭାବକ ହିସାବ ମାଗିବା ସହିତ ଧାରଣାରେ ବସିଥିଲେ।

## ବଣ ମଲ୍ଲି ସାହିତ୍ୟ, ସେବା ସଙ୍ଗଠନର ବନ୍ଧୁମିଳନ


ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

ଜେନାପୁର,୩।୧(ଅଶୋକ ଦାସ):

ଧର୍ମଶାଳା ବ୍ଲକ୍ ସାହାଣୀଡିହ ପଞ୍ଚାୟତର କଠଉଣି ମଠ ପରିସରରେ ବଣ ମଲ୍ଲି ସାହିତ୍ୟ ଓ ସେବା ସଙ୍ଗଠନର ବନ୍ଧୁମିଳନ ଏବଂ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅନୁଷ୍ଠିତ ସାଧାରଣ ସଭାରେ ଡ. ଜୟଦେବ ଶତପଥୀ ସଭାପତିତ୍ୱ କରିଥିଲେ। ଅତିଥିଭାବେ ବ୍ୟଙ୍ଗକବି ବାଇଧର ମାଝି, ଶିକ୍ଷାବିତ କାହ୍ନୁଚରଣ ସାହୁ, ପ୍ରମୋଦ ମଲ୍ଲିକ, ବିଷ୍ଣୁଚରଣ ଓଝା, ରଘୁନାଥ ମିଶ୍ର, ଲବଙ୍ଗଲତା ପରିଡ଼ା, ଅନୁଷ୍ଠାନ ଉପଦେଷ୍ଟା ପଦ୍ମନାଭ ଶତପଥୀ, ପ୍ରଦୀପ ଶତପଥୀ, ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ଉପସଭାପତି ନିର୍ମାଲ୍ୟ କୁମାର ପ୍ରଧାନ, ସଭ୍ୟା ମଧୁସ୍ମିତା ଖଟୁଆ, ରଶ୍ମିତା ବେହେରା ଓ ତୀର୍ଥବାସୀ ଦଳାଇ ପ୍ରମୁଖ ଉପସ୍ଥିତ ରହି ଅନୁଷ୍ଠାନର କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଆହୁରି ସମର୍ପିତ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହାପରେ ରଶ୍ମିତା ବେହେରାଙ୍କ ସଂଯୋଜନାରେ ୩୦ କବୟିତ୍ରୀକବିଙ୍କୁ ନେଇ ଏକ କବିତା ଆସର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ଖବରଦାତା, କବୟିତ୍ରୀକବି ଓ ସାଂସ୍କୃତିକ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ନିର୍ମାଲ୍ୟ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଅଶୋଭନୀୟତା ଦୂରହେଲେ ସମାଜ ସଂସ୍କାରିତ ହେବ

### ଶୋଭାନୀୟ ଶିକ୍ଷାଶ୍ରମ ବାର୍ଷିକ ଉତ୍ସବ ଉଦ୍‌ଯାପିତ

ଚଣ୍ଡିଖୋଲ,୩।୧(ପ୍ରଦୀପ୍ତ କୁମାର ପୃଷ୍ଟି):


ଶୋଭାନୀୟ ଶିକ୍ଷାଶ୍ରମ ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି।

ଯାଜପୁର ଜିଲା ଉଦୟଗିରିସ୍ଥିତ ଶୋଭାନୀୟ ଶିକ୍ଷାଶ୍ରମର ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ତଥା ସୁବାର୍ତ୍ତାର ସମ୍ପାଦକ ପ୍ରଦ୍ୟୁମ୍ନ ଶତପଥୀ ଯୋଗଦେଇ ଶିକ୍ଷା ସମାଜର ପରିବର୍ତ୍ତନ ଆଣିପାରିବ। ଉଚ୍ଚ ଶିକ୍ଷାପ୍ରତି ଗୁରୁତ୍ୱ ନ ଦେଇ ମାଗଣା ଖାଇବା ପ୍ରତି ଯେଉଁ ଆକର୍ଷଣ ବଢୁଛି ତାହା ସମାଜ ପାଇଁ କ୍ଷତିକାରକ। ତେଣୁ ଶିକ୍ଷାର ମାନ ସଂସ୍କାରିତ କରି ଅଶୋଭନୀୟତାକୁ ଦୂର କରିବାର ଯେଉଁ ଉଦ୍ୟମ ଶୋଭାନୀୟ ସମାଜ ପକ୍ଷରୁ କରାଯାଉଛି ତାହାକୁ ଉଚ୍ଚ ପ୍ରଶଂସା କରିଛନ୍ତି। ଶୋଭାନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଡ. ଅରୁନ୍ଧତୀ ଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଭୁବନେଶ୍ୱର ଶାଖା ଦିବ୍ୟ ଜୀବନ ସଂଘର ସଭାପତି ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଶୃଙ୍ଖଳିତ ସମାଜ ଗଠନ ପାଇଁ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆମେ ଈଶ୍ୱରଙ୍କ ନିକଟରେ ସମର୍ପଣ ଭାବ ପ୍ରକଟ କଲେ ଏକ ଶୋଭନୀୟ ସମାଜ ଗଠନ ହୋଇପାରିବ ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ବିଶିଷ୍ଟ ଶ୍ରମିକ ନେତା ତଥା ସୁଲେଖକ ମାୟାଧର ନାୟକ ଯୋଗଦେଇ ବଦଳୁ ଥିବା ସମାଜକୁ ନେଇ ଚିନ୍ତା ପ୍ରକଟ କରିବା ସହ ପରିବର୍ତ୍ତନ ପାଇଁ ଲଢ଼େଇର ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ସମ୍ମାନିତ ଅତିଥିଭାବେ ଆଇବିଏମ୍‌ର ନିର୍ଦ୍ଦେଶକ ପ୍ରଫେସର ଡ. ତ୍ରିଲୋଚନ ନାୟକ ଯୋଗଦେଇଥିଲେ। ପ୍ରାରମ୍ଭରେ ଶୋଭାନୀୟ ଶିକ୍ଷାଶ୍ରମର ପ୍ରତିଷ୍ଠାତା କୁମାର ଭାଇଙ୍କ ଫଟୋ ଚିତ୍ରରେ ଅତିଥି ମାଲ୍ୟାର୍ପଣ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ପ୍ରକାର ନୃତ୍ୟଗୀତ ମାଧ୍ୟମରେ ସମାଜ ସଂସ୍କାର ବାର୍ତ୍ତା ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଗୁରୁମା ଓ ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ବରଦା ଗୁରୁମା ଧନ୍ୟବାଦ ଦେଇଥିଲେ।

## ମାଡ଼ମାରି ଟଙ୍କା ଛଡ଼ାଇ ନେଲେ

ପାଣିକୋଇଲି,୩।୧(ବିକାଶ ମଲ୍ଲିକ):

ପାଣିକୋଇଲି ଥାନା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କୁ ମାଡ଼ମାରି ତାଙ୍କଠାରୁ ଟଙ୍କା ଛଡ଼ାଇ ନିଆଯାଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା ନଂ.୪/୨୪ ରୁଜୁ କରି ତଦନ୍ତ ଚଳାଇଛି। ଯାଜପୁର ସଦର ଥାନା ଅନ୍ତର୍ଗତ ମତାବାଦ ଗ୍ରାମର ଶମ୍ଭୁନାଥ ବେହେରାଙ୍କ ଅଭିଯୋଗ ମୁତାବକ, ସେ ପାଣିକୋଇଲିକୁ ତାଙ୍କ ଧାନକଟା ମେଶିନର ଚାଳକ ଓ ଖଲାସୀ ପାଇଁ ଖାଦ୍ୟ ନେବାକୁ ଆସିଥିଲେ। ହୋଟେଲରୁ ଖାଦ୍ୟ ନେଇ ଏକ ବାଇକରେ ଫେରୁଥିବା ବେଳେ ପାଣିକୋଇଲି ଆଙ୍କୁଲା ରାସ୍ତାରେ ତାଙ୍କୁ ନର୍ମିଟିକିରି ଗ୍ରାମର ଗୁଲୁ କବି, ନିଲୁ କବି ଓ ଚନ୍ଦ୍ର କବି ଅଟକାଇ ଗାଳିଗୁଲଜ କରିଥିଲେ। ଏଥିସହିତ ତାଙ୍କୁ ମାଡ଼ମାରିଥିଲେ। ପରେ ତାଙ୍କ ନିକଟରେ ଥିବା ୨୫ ହଜାର ୭ଶହ ଟଙ୍କା ଛଡାଇନେଇଥିଲେ। ବାଇକଟି ତଳେ ପଡିବାରୁ ଖାଦ୍ୟକୁ କୁକୁର ଟାଣିନେଇ ଖାଇଥିଲେ। ଫଳରେ ନିରୁପାୟ ହୋଇ ଶମ୍ଭୁ ଏନେଇ ପାଣିକୋଇଲିଥାନାରେ ଅଭିଯୋଗ କରିଥିଲେ। ତେବେ ସେମାନେ କାହିଁକି ଆକ୍ରମଣ କଲେ ତାହା ଜଣାପଡ଼ିନାହିଁ।

# ଧର୍ମଶାଳା ଭାଜପାର ମିଶ୍ରଣ ପର୍ବ

କାଏମା,୩।୧(ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ଭାଜପାର ଏକ ମିଶ୍ରଣ ପର୍ବ ଜାରକାସ୍ଥିତ ଦଳ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକାଭିମୁଖୀ କାର୍ଯ୍ୟଧାରା ଏବଂ ଭାଜପା ନେତା ହିମାଂଶୁ ଶେଖର ସାହୁ(ଲିକୁ)ଙ୍କ ନେତୃତ୍ୱକୁ ସମର୍ଥନ ଜଣାଇ ବହୁ ବିରୋଧୀ ଦଳ ନେତା ଓ କର୍ମୀ ଦଳ ଛାଡ଼ି ଭାଜପାରେ ଯୋଗ ଦେଇଛନ୍ତି। ଅରାବଳ ପଞ୍ଚାୟତର ପରିକ୍ଷିତ ବାରିକ, ବାଇଧର ସାହୁ, ନରହରି ବେହେରା, ରତ୍ନାକର ମହାନ୍ତି, ଜାରକା ପଞ୍ଚାୟତର ଶତ୍ରୁଘ୍ନ ସେଠୀ, ପବିତ୍ର ସେଠୀ, ମନୋଜ ଦାସ, ବିନୋଦ ଓଝା, ଥାନୁଆଳ ପଞ୍ଚାୟତର ପ୍ରମୋଦ ଜେନା, ସୁଶାନ୍ତ ଜେନା, ବିନୋଦ ଓଝା, ମନୋରଂଜନ ବାରିକ, ସଂଗ୍ରାମ ଜେନା, ବଡ଼କାଏମା ପଞ୍ଚାୟତର ଦେବେନ୍ଦ୍ର ରାଉତ, ସୁଦାମ ପାତ୍ର, ସନ୍ତୋଷ ନାୟକ ଓ ଅର୍ଜୁନ ମଲ୍ଲିକ ପ୍ରମୁଖ ଭାଜପାରେ ଯୋଗ ସାମିଲ ହୋଇଛନ୍ତି।


ମିଶ୍ରଣ ପର୍ବରେ ଯୋଗଦେଇଥିବା ଭାଜପା ନେତା ଓ କର୍ମୀ ।

ନବାଗତମାନଙ୍କୁ ଭାଜପା ନେତା ସାହୁ ଦଳୀୟ ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ। ପରେ ଶତାଧିକ କାର୍ଯ୍ୟକର୍ତ୍ତା ସାହୁଙ୍କୁ ନୂଆବର୍ଷ ଶୁଭେଚ୍ଛା ଜଣାଇଥିଲେ।

## କବାଟବନ୍ଧ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପିତ

ଜେନାପୁର,୩।୧(ଅଶୋକ ଦାସ)

ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ କବାଟବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟର ୩ ଦିନିଆ ସୁବର୍ଣ୍ଣଜୟନ୍ତୀ ସମାରୋହ ଉଦ୍‌ଯାପିତ ହୋଇଯାଇଛି। କମିଟି ସଭାପତି ରାମଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରଥମ ଅଧିବେଶନ ସଭାରେ ମୁଖ୍ୟଅତିଥିଭାବେ ପ୍ରାକ୍ତନ କୁଳପତି ଡ. କୁମରବର ଦାସ, ମୁଖ୍ୟବକ୍ତା ଡ. ଅସିତ ମହାନ୍ତି ଯୋଗ ଦେଇଥିଲେ। ଦ୍ୱିତୀୟ ଅଧିବେଶନ ସଭାରେ ମୁଖ୍ୟଅତିଥିଭାବେ ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ମୁଖ୍ୟବକ୍ତା ଜିଲା ପରିଷଦ ସଭ୍ୟ ସୁଧାଂଶୁ ଭୂଷଣ ସାହୁ ଓ ଜେନାପୁର ଥାନା ଅଧିକାରୀ ଶୁଭେନ୍ଦୁ ସାହୁ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ୨ ପୁସ୍ତକ 'ସ୍ୱର୍ଣ୍ଣଜ୍ୟୋତି' ଓ 'ଅମୃତ ବିନ୍ଦୁ'କୁ ଉନ୍ମୋଚନ କରିଥିଲେ। ତ୍ରିଲୋଚନ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବ ମଧ୍ୟ ଇଂରାଜୀ ଓ ସରକାରୀ ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ ଓ ସ୍କୁଲ୍‌ର ଗୌରବ ଆଣିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ହେମନ୍ତ ବେହେରା, ଶରତ ପାତ୍ର, ଧରଣୀଧର ସାହୁ, ବିଜୟ ସାହୁ, ବିଦ୍ୟାଧର କୁଣ୍ଡୁ, ଦିଲୀପ ସାହୁ, ଅନୁସାୟା ପାତ୍ର, ନୃସିଂହ ଚରଣ ଧଳ, ବୀରକିଶୋର ବେହେରା ଓ ଦୀପକ ଧଳଙ୍କ ସମେତ ବିଦ୍ୟାଳୟର ପ୍ରାକ୍ତନ ଛାତ୍ରୀଛାତ୍ର ଉପସ୍ଥିତ ରହି ସହଯୋଗ କରିଥିଲେ। କବାଟବନ୍ଧ ସରପଞ୍ଚ ରବୀନ୍ଦ୍ର ସେନାପତିଙ୍କ ନେତୃତ୍ୱରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଲିଲି ରାଉତ ଧନ୍ୟବାଦ ଦେଇଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବନ୍ଧୁମିଳନ

କାଏମା,୩।୧(ଶିବପ୍ରସାଦ ମହାନ୍ତି):

କାଏମା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ପୁରାତନ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୩ଟି ବ୍ୟାଚ୍‌ର ୨୮୫ ଜଣଙ୍କୁ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ମୁଖ୍ୟଅତିଥିଭାବେ କଲଣ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ହେମନ୍ତ କୁମାର ଜେନା, ମୁଖ୍ୟବକ୍ତା ଅକ୍ଷୟ ପଣ୍ଡା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପୁରାତନ ଛାତ୍ର ସଂସଦ ସଭାପତି ସୌମ୍ୟ ରଞ୍ଜନ ପୃଷ୍ଟି ଉତ୍ସବରେ ସଭାପତିତ୍ୱ କରିଥିଲେ। ଅନ୍ୟତମ ଅତିଥିଭାବେ ବିଦ୍ୟାଳୟ ସମ୍ପାଦକ ଇଂ. ଚିତ୍ତରଞ୍ଜନ ମଲ୍ଲିକ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରିଥିଲେ। ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟା ରୀତାରାଣୀ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ନିମନ୍ତ୍ରିତ ଅତିଥିଭାବେ ପରିଚାଳନା ସମିତିର ବର୍ତ୍ତମାନ ଓ ପୁରାତନ ସଦସ୍ୟାସଦସ୍ୟା ଏବଂ ପ୍ରାକ୍ତନ ସଂକୁଳ ପ୍ରମୁଖ ଧ୍ରୁବ ଚରଣ ପୃଷ୍ଟି ଯୋଗ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀଗୁରୁମା', ସେବିକା ଓ ପୁରାତନ ଛାତ୍ର ସଂସଦର ସଦସ୍ୟାସଦସ୍ୟ ସହଯୋଗ କରିଥିଲେ। ଆଚାର୍ଯ୍ୟ ଅଜିତ କୁମାର ରାଉତ ଧନ୍ୟବାଦ ଦେଇଥିଲେ।



ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

# 'ନୁକ୍କ ନାଟକ'ରେ ସାମାଜିକ ପରିବର୍ତ୍ତନକୁ ପ୍ରୋତ୍ସାହନ

### ଟାଟା ଷ୍ଟିଲ ସହଯୋଗରେ ଚାଲିଛି ଗୋବିନ୍ଦ ଗାଇପାଇଙ୍କ ସଚେତନତା କାର୍ଯ୍ୟକ୍ରମ

କଳିଙ୍ଗନଗର,୩।୧(ଶୁଭାଶିଷ ରାଉତ)

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଗୋବରଘାଟି ପଞ୍ଚାୟତ ମିରିଗିଚରା ଗ୍ରାମର ଗୋବିନ୍ଦ ଗାଇପାଇ(୨୪) 'ନୁକ୍କ ନାଟକ' ମାଧ୍ୟମରେ ସାମାଜିକ ପରିବର୍ତ୍ତନକୁ ପ୍ରୋତ୍ସାହନ ଦେଇଛନ୍ତି। ତାଙ୍କର ଯାତ୍ରା ଏକ ବ୍ୟକ୍ତିଗତ ଦୁଃଖଦ ଘଟଣାରୁ ଆରମ୍ଭ ହୋଇଥିଲା, ଯେତେବେଳେ ମଦ୍ୟପାନ ଯୋଗୁ ସେ ତାଙ୍କ ଭାଇଙ୍କୁ ହରାଇଥିଲେ। ଏହି ବିନାଶକାରୀ ଅନୁଭୂତି ଅନ୍ୟମାନଙ୍କୁ ସମାନ ଭାଗ୍ୟ ଭୋଗିବାରୁ ରୋକିବା ପାଇଁ ଗୋବିନ୍ଦଙ୍କ ସଂକଳ୍ପକୁ ଉତ୍ସାହିତ କରିଥିଲା। ୨୦୦୮ରେ ଟାଟା ଷ୍ଟିଲ୍ ଫାଉଣ୍ଡେଶନ ପକ୍ଷରୁ ତାଙ୍କୁ ମିଳିଥିବା ଜ୍ୟୋତି ଫେଲୋସିପ ଦ୍ୱାରା ତାଙ୍କ ଶିକ୍ଷାଗତ ଯାତ୍ରାକୁ ସମର୍ଥନ ମିଳିଥିଲା ଏବଂ ସ୍ନାତକ ପର୍ଯ୍ୟନ୍ତ ସେ ଉପକୃତ ହୋଇଥିଲେ। ୨୦୨୦ରେ କରୋନା ହେବାପରେ ଗୋବିନ୍ଦଙ୍କ ପାଠପଢ଼ା ଶେଷ କରି ଚାକିରି ପାଇବାର ଯୋଜନା ବାଧାପ୍ରାପ୍ତ ହୋଇଥିଲା। ଏହି ସମୟରେ ମଦ୍ୟପାନ ଓ କ୍ଷତିକାରକ ପଦାର୍ଥର ମୁକାବିଲା ପାଇଁ ତାଙ୍କର ସଂକଳ୍ପକୁ ଆହୁରି ଦୃଢ଼ କରିଥିଲା। ଟାଟା ଷ୍ଟିଲ ଫାଉଣ୍ଡେସନ ସହାୟତାରେ ସେ ୧୦ ଜଣିଆ ଏକ ଦଳକୁ ଏକାଠି କରି 'ନୁକ୍କ ନାଟକ' ପରିବେଷଣ ମାଧ୍ୟମରେ ଶିକ୍ଷା ଓ ସଚେତନତା ସୃଷ୍ଟି କରିବା ପାଇଁ ଅଭିଯାନ ଆରମ୍ଭ କରିଥିଲେ। ସେମାନଙ୍କ ପ୍ରୟାସ ଏବେ ୧୫୦ରୁ ଅଧିକ ପଞ୍ଚାୟତରେ ପହଞ୍ଚିଛି, ଯାହା ଅନେକଙ୍କ ଜୀବନରେ ସକାରାତ୍ମକ ପ୍ରଭାବ ପକାଇଛି।


ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଶିଶୁ ଓ ଅନ୍ୟମାନେ ।

ଏନେଇ ଗୋବିନ୍ଦ କହିଛନ୍ତି, ଭାଇଙ୍କୁ ହରାଇବା ପରେ ମଦ୍ୟପାନ ଏବଂ କ୍ଷତିକାରକ ପଦାର୍ଥ ବିରୋଧରେ ସଚେତନତା ସୃଷ୍ଟି ପାଇଁ ସଂକଳ୍ପ ନେଇଥିଲେ। 'ନୁକ୍କଡ ନାଟକ' ଜରିଆରେ ଅଧିକ ଲୋକଙ୍କ ନିକଟରେ ପହଞ୍ଚିବାକୁ ଚେଷ୍ଟା ଚଳାଇଛନ୍ତି। ସେ ଏହି ଅଞ୍ଚଳରେ ଏତେ ସଚେତନତା ସୃଷ୍ଟି କରିବାକୁ ଚାହୁଁଛନ୍ତି ଯେ, ଯେପରି ମଦ୍ୟପାନ କାରଣରୁ ଅନ୍ୟ କାହାକୁ ତାଙ୍କ ନିକଟ ସମ୍ପର୍କୀୟଙ୍କ ପାଇଁ ଶୋକ ପ୍ରକାଶ କରିବାକୁ ପଡ଼ିବ ନାହିଁ। ଗୋବିନ୍ଦ ଏବେ ତାଙ୍କ 'ନୁକ୍କଡ ନାଟକ'ରୁ ୩ ଲକ୍ଷରୁ ଅଧିକ ଟଙ୍କା ରୋଜଗାର କରିଛନ୍ତି। ଏହାବ୍ୟତୀତ, ସେ ଚାଷ ସହ ଜଡିତ। ତାଙ୍କୁ ଟାଟା ଷ୍ଟିଲ ଫାଉଣ୍ଡେଶନ ଚାଷ କୌଶଳକୁ ବଢ଼ାଇବା ପାଇଁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇଦେଇଛି, ଯଦ୍ୱାରା ସେ ବାର୍ଷିକ ୨ ଲକ୍ଷ ଟଙ୍କାରୁ ଅଧିକ ରୋଜଗାର କରୁଛନ୍ତି। ଗୋବିନ୍ଦଙ୍କ ଯାତ୍ରା ସ୍ଥାନୀୟ ଲୋକଙ୍କ ମଧ୍ୟରେ ପରିବର୍ତ୍ତନକୁ ସଶକ୍ତ କରିବା ପାଇଁ ଦୃଢ଼ତା, ସଂକଳ୍ପ ଏବଂ ଗଭୀର ପ୍ରତିବଦ୍ଧତାର କାହାଣୀ। ଦୁନିଆରେ ସକାରାତ୍ମକ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରୁଥିବା ଲୋକଙ୍କ ପାଇଁ ତାଙ୍କ କାର୍ଯ୍ୟ ଆଶା ଓ ପ୍ରେରଣାର ଆଲୋକ ପାଲଟିଛି।

## ସଂକ୍ଷେପରେ

### ଯୁବତୀଙ୍କୁ ଅସଦାଚରଣ ଅଭିଯୋଗରେ ଯୁବକ ଗିରଫ

ଆଳି,୩୧ (ବନମାଳୀ ସେନାପତି)

ଆଳି ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଅସଦାଚରଣ ଅଭିଯୋଗରେ କଅଁରପୁର ଗାଁର ରାଜମୋହନ ସ୍ୱାଇଁଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଯୁବତୀଙ୍କ ପରିବାର ପକ୍ଷରୁ ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଯୁବତୀ ଜଣକ ମନ୍ଦିରକୁ ଯାଉଥିବା ବେଳେ ରାଜମୋହନ ବୁଲେଟ୍ ନେଇ ତାଙ୍କ ପାଖରେ ପହଞ୍ଚି ଅସଦାଚରଣ କରିଥିଲେ। ଯୁବତୀ ଜଣକ ତଳେ ପଡ଼ିଯିବାରୁ ତାଙ୍କ କାନରୁ ରକ୍ତ ବାହାରିଥିଲା। ପରେ ସେ କୌଶଳକ୍ରମେ ରାଜମୋହନଙ୍କ କବଳରୁ ଖସି ଘରକୁ ଆସିଥିଲେ। ପରିବାର ଲୋକ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ଯୁବତୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ରାଜମୋହନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ଜାତୀୟ ସେବା ସଂସ୍ଥା ଯୋଜନାର ଶୀତକାଳୀନ ଶିବିର

ପାଟକୁରା,୩୧ (ରବୀନ୍ଦ୍ରନାଥ ବାରିକ)

ଗରଦପୁର ବ୍ଲକ ଅନ୍ତର୍ଗତ ତେଣ୍ଡାକୁଡ଼ା ବିଜୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ସଂସ୍ଥା ଦ୍ୱାରା ଅନୁଷ୍ଠିତ ସ୍ୱତନ୍ତ୍ର ଶୀତକାଳୀନ ଶିବିର ଉଦ୍‌ଯାପିତ ହୋଇଯାଇଛି। ୨୫ ତାରିଖରୁ ତେଣ୍ଡାକୁଡ଼ା ବିଷ୍ଣୁପ୍ରିୟା ପ୍ରାଥମିକ ବିଦ୍ୟାଳୟ ପରିସରରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ତ୍ରିଲୋଚନ ସ୍ୱାଇଁଙ୍କ ଦ୍ୱାରା ଶିବିର ଉଦ୍‌ଘାଟିତ ହୋଇଥିଲା। ୨୫ଜଣ ଛାତ୍ର ସ୍ୱେଚ୍ଛାସେବୀ, ୨ ଜଣ ଅଣଛାତ୍ର ସ୍ୱେଚ୍ଛାସେବୀ ଓ କାର୍ଯ୍ୟକ୍ରମ ଅଧିକାରୀ ବସନ୍ତ କୁମାର ପାତ୍ର ବିଭିନ୍ନ ସମାଜସେବାମୂଳକ ଓ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ କରିଥିଲେ। ଉଦ୍‌ଯାପନୀ ଉତ୍ସବ ଅଧ୍ୟକ୍ଷ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜାତୀୟ ସେବା ସଂସ୍ଥାର ପୂର୍ବତନ ତାଲିମ ଅଧିକାରୀ ତଥା ବର୍ତ୍ତମାନର ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ, ନାଉଗାଁ ହାଟ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ହୃଦାନନ୍ଦ ସ୍ୱାଇଁ ଯୋଗଦାନ କରି ଜାତୀୟ ସେବା ସଂସ୍ଥାର ଉତ୍ପତ୍ତି, କାର୍ଯ୍ୟକାରିତା, ଦେଶ ଓ ଜାତିର ଉପାଦେୟତା ସମ୍ପର୍କରେ ଶିବିରାର୍ଥୀମାନଙ୍କୁ ବୁଝାଇଥିଲେ। ପରେ ସମସ୍ତ ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ ସଂସ୍ଥାର କାର୍ଯ୍ୟକ୍ରମ ଅଧିକାରୀ ପାତ୍ର କାର୍ଯ୍ୟର ବିବରଣୀ ପ୍ରଦାନ କରିବା ସହ ଧନ୍ୟବାଦ ଦେଇଥିଲେ।

### ସାମାଜିକ କର୍ମୀଙ୍କ ପରଲୋକ

ରାଜନଗର,୩୧ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ରାଜନଗର ଗାଁର ସାମାଜିକ କର୍ମୀ ବାସୁଦେବ ଦାସ(୯୨)ଙ୍କର ବୁଧବାର ପରଲୋକ ହୋଇଯାଇଛି। ସେ ଧର୍ମପ୍ରାଣ, ମିଷ୍ଟଭାଷୀ, ପରୋପକାରୀ ବ୍ୟକ୍ତି ଥିଲେ। ପରଲୋକ ଖବରପାଇ ରାଜନଗର ବିଧାୟକ ଧ୍ରୁବ ସାହୁ, ଜୟଦୁର୍ଗା ବଣିକ ସଂଘର ସଭାପତି ଶଙ୍କର୍ଷଣ ମିଶ୍ର, ସମିତିସଭ୍ୟ ପ୍ରଶାନ୍ତ ରାଉତ, ରଶ୍ମୀ ରଞ୍ଜନ ରାଉତ, ରବୀନ୍ଦ୍ର କୁମାର ରାଉତ ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିଥିଲେ। ହଂସୁଆ ନଦୀତଟ ଶ୍ମଶାନ ପୁଅ ଦୀପକ ମୁଖାଗ୍ନି ଦେଇଥିଲେ।

# ଦେଶ ପାଇଁ ଜୀବନକୁ ଉତ୍ସର୍ଗ କରିଥିଲେ ମାନଗୋବିନ୍ଦ

## ଶତାୟୁ ସଂଗ୍ରାମୀଙ୍କ ସ୍ମୃତିଚାରଣ ସଭା

ଡେରାବିଶ, ୩୧ (ବେବର୍ତ୍ତା ଅଜୟ ଦାସ)

ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶମାତୃକା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ଶତାୟୁ ସ୍ୱାଧୀନତା ସଂଗ୍ରାମୀ ମାନଗୋବିନ୍ଦ ମଲିକ କେନ୍ଦ୍ରାପଡ଼ା ମାଟିକୁ ଗର୍ବିତ କରିଥିଲେ । କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଧୀନ ଚାଟରାଚକଡ଼ା ପଞ୍ଚାୟତ ହଳଦୀବସନ୍ତ ଠାରେ ସ୍ୱାଧୀନତା ସଂଗ୍ରାମୀ ମାନଗୋବିନ୍ଦଙ୍କ ଦ୍ୱାଦଶାହ ତିଥିରେ ବୁଧବାର ଅନୁଷ୍ଠିତ ହୋଇଥିଲା ସ୍ମୃତିଚାରଣ ସଭା । ନାଟ୍ୟକାର ତୁଷାରକାନ୍ତି ଘୋଷଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସ୍ମୃତିଚାରଣ ସଭାରେ କେନ୍ଦ୍ରାପଡ଼ା ଜିଲା ସ୍ୱାଧୀନତା ସଂଗ୍ରାମୀ ସଂଘର ସଭାପତି ବିଦ୍ୟାଧର ମୁଦୁଲି ମୁଖ୍ୟଅତିଥିଭାବେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଦେବା ସହ ଉପରୋକ୍ତ ବକ୍ତବ୍ୟ ଦେଇଥିଲେ । ସଂଗ୍ରାମୀ ମୁଦୁଲି ତାଙ୍କ ବକ୍ତବ୍ୟରେ ୧୯୩୪ ମେ ୩୦ କେନ୍ଦ୍ରାପଡ଼ା ଜିଲା ପାଇଁ ଏକ ସ୍ମରଣୀୟ ଦିବସ ଥିଲା । ମହାତ୍ମା ଗାନ୍ଧିଙ୍କ କେନ୍ଦ୍ରାପଡ଼ା ଜିଲାରେ ଐତିହାସିକ ପଦଯାତ୍ରା ସମୟରେ ସେ ନିଜେ ଓ ସଂଗ୍ରାମୀ ମାନଗୋବିନ୍ଦଙ୍କ ସମେତ ବହୁ ଛାତ୍ର ଘରୁ ଲୁଚି ପଳାଇ ଆସି ଗାନ୍ଧିଜୀଙ୍କ ପଦଯାତ୍ରାରେ ସାମିଲ ହୋଇଥିଲେ । ପରିବାରର ସମସ୍ତ ଆକଟକୁ ନ ମାନି ସଂଗ୍ରାମୀ ମାନଗୋବିନ୍ଦ ସ୍ୱାଧୀନତା ଆନ୍ଦୋଳନରେ ନିଜକୁ ଝାସ ଦେଇଥିଲେ ବୋଲି ସଂଗ୍ରାମୀ ମୁଦୁଲି କହିଥିଲେ ।


ସଭାରେ ଉପସ୍ଥିତ ଅତିଥିମାନେ ।

ଏହି ସଭାରେ ସମ୍ମାନିତ ଅତିଥିଭାବେ ଜିଲାପରିଷଦ ସଭାପତି ଗୀତାଞ୍ଜଳି ସେଠୀ, ପ୍ରାଧ୍ୟାପକ ନନ୍ଦ କିଶୋର ପରିଡ଼ା, ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ରବି ସାମଲ, ବିଜେଡି ଯୁବନେତା ରାଜେଶ ପଣ୍ଡା, ଭାଜପା ନେତା ତେଜେଶ୍ୱର ପରିଡ଼ା, ମନିଷା ପଣ୍ଡା, ଧନେଶ୍ୱର ସେଠୀ, ପଞ୍ଚାନନ ଦାସ, ବିଜୟ ପରିଡ଼ା, ବେବର୍ତ୍ତା ଅଜୟ ବଲ୍ଲଭ ଦାସ, ଚାଟରାଚକଡ଼ା ସରପଞ୍ଚ ମମତା ରାଉତ, ସମିତିସଭ୍ୟ ନିରଞ୍ଜନ କର, ରମଣୀ ରଞ୍ଜନ ରାଉତ, ତୁଷାରକାନ୍ତି ଘୋଷ, ପଦ୍ମନାଭ ଦାସ, କୁଳମଣି ରାଉତ, ଶ୍ରୀହରିବନ୍ଧୁ ଦାସ ଯୋଗଦେଇ ସଂଗ୍ରାମୀ ମାନଗୋବିନ୍ଦଙ୍କ ନେତୃତ୍ୱରେ ଡେରାବିଶ ବ୍ଲକ ଅଞ୍ଚଳରେ ଶିକ୍ଷାର ପ୍ରସାର, ଅସ୍ପୃଶ୍ୟତା ନିବାରଣ ଓ ନିଶା ନିବାରଣ ପାଇଁ ସଂଗ୍ରାମ ଆରମ୍ଭ ହୋଇଥିଲା । ୧୯୩୪ ମେ ୩୦ ତାରିଖରେ ବାରିମୂଳଠାରେ ଗାନ୍ଧିଜୀଙ୍କ ବିଶାଳ ସମାବେଶରେ ମାନଗୋବିନ୍ଦଙ୍କ ସହ ଡେରାବିଶ ବ୍ଲକ ଅଞ୍ଚଳର ବହୁ ଛାତ୍ର,ଯୁବକ ସ୍ୱାଧୀନତା ଆନ୍ଦୋଳନରେ ନିଜକୁ ସାମିଲ କରି ବ୍ରିଟିଶ ପୋଲିସ ଦ୍ୱାରା ନିର୍ଯ୍ୟାତନାର ଶିକାର ହୋଇଥିବା ଉପରେ ଆଲୋକପାତ କରିଥିଲେ । ଏଭଳି ସଂଗ୍ରାମୀଙ୍କ ବିୟୋଗ ଜିଲାରେ ଏକ ଅପୂରଣୀୟ କ୍ଷତି ବୋଲି ଅତିଥିମାନେ କହିଥିଲେ । ଏଣ୍ଡର ସରପଞ୍ଚ ଦୁର୍ଯ୍ୟୋଧନ ମଲିକ, ପୂର୍ବତନ ସରପଞ୍ଚ ବିପିନ ବିହାରୀ ସାହୁ, ପୂର୍ଣ୍ଣାନନ୍ଦ ବେହେରା, ଶରତ ଚନ୍ଦ୍ର ମଲିକ, ପ୍ରଜ୍ଞାନ ପୃଷ୍ଟି, ରଶ୍ମିରଞ୍ଜନ ପଣ୍ଡା ପ୍ରମୁଖ ବହୁ ବୁଦ୍ଧିଜୀବୀ ମାନଗୋବିନ୍ଦଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସତ୍ୟରଞ୍ଜନ ମଲିକ ପ୍ରଥମେ ସ୍ମୃତିଚାରଣ ସଭା ସମ୍ପର୍କରେ ସୂଚନା ଦେବା ପରେ ଉପସ୍ଥିତ ସମସ୍ତ ବ୍ୟକ୍ତିମାନେ ସମୂହ ରାମଧୂନ ପାଠ କରିଥିଲେ ।

# ସି ବିଚ୍‌ରେ ମ୍ୟୁଜିକ୍ ଚେୟାର




ରାଜନଗର,୩୧ (ଭାସ୍କର ରାଉତରାୟ)

ବଙ୍ଗୋପସାଗର ତଟବର୍ତ୍ତୀ ପେଣ୍ଠ ସି ବିଚ୍‌ରେ ପଟ୍ଟାମୁଣ୍ଡାଇ ରାଜନଗର ବ୍ଲକର ନିର୍ବାଚିତ ମହିଳା ପ୍ରତିନିଧିମାନଙ୍କ ମଧ୍ୟରେ ମ୍ୟୁଜିକ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟୁଜିକ ଚେୟାର ପ୍ରତିଯୋଗିତାରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ସରପଞ୍ଚ ସୁଶ୍ରୀ ସଙ୍ଗୀତା ମିଶ୍ର, ବୀଣାପାଣି ପ୍ରଧାନ, ଇତିଶ୍ରୀ ମହାପାତ୍ର, ସସ୍ମିତା ସ୍ୱାଇଁ, ସସ୍ମିତା ମହାନ୍ତି, ଦ୍ରୌପଦୀ ସେଠୀ, ଉତ୍ତମା ସେଠୀ, ସୁନିତା ସେଠୀ, ସୁଜାତା ନାୟକ, ରଶ୍ମୀ ରଞ୍ଜିତା ସ୍ୱାଇଁ ପ୍ରମୁଖ ୧୭ଜଣ ମହିଳା ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାକୁ ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ସମେତ ଉପସ୍ଥିତ ଜନପ୍ରତିନିଧି, ଜନସାଧାରଣ ଓ ପର୍ଯ୍ୟଟକମାନେ ଭରପୁର ଉପଭୋଗ କରିଥିଲେ। ରାଜନଗର ମହିଳା ବିଜୁ ଜନତା ଦଳର ସଭାନେତ୍ରୀ ରଶ୍ମୀ ରଞ୍ଜିତା ସ୍ୱାଇଁ ବିଜୟୀ ହୋଇଥିଲେ।

# ଧାନମଣ୍ଡଳରେ ଭକ୍ତ ସମ୍ମିଳନୀ



ଆଳି,୩୧ (ବନମାଳୀ ସେନାପତି)

ଆଳି ବ୍ଲକ ଧାନମଣ୍ଡଳ ଗାଁରେ ଠାକୁର ଅଭିରାମ ପରମହଂସଙ୍କ ଭକ୍ତ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀ ସୋମବାରଠାରୁ ଆରମ୍ଭ ହୋଇ ୩ ଦିନ ଚାଲିଥିଲା। ୩୧ ତାରିଖ ଦିନ ଠାକୁରଙ୍କ ଜନ୍ମପୀଠ କରମଳାରୁ ଅଖଣ୍ଡକୁ ନାମ ସଂକୀର୍ତ୍ତନ କରି ଧାନମଣ୍ଡଳକୁ ଅଣାଯାଇଥିଲା। ଏହି ଭକ୍ତ ସମ୍ମିଳନୀରେ କରମଳାର ଶାନ୍ତି ଆନନ୍ଦାଶ୍ରମର ନୀଳମଣି ଦାସମହାରାଜ, ପରମେଶ୍ୱର ଦାସମହାରାଜ, ସତ୍ୟ ପ୍ରଜ୍ଞାନନ୍ଦ ମହାରାଜ, ଧର୍ମେନ୍ଦ୍ର ଦାସମହାରାଜ ଯୋଗଦେଇ ଭକ୍ତମାନଙ୍କୁ ପ୍ରବଚନ ମାଧ୍ୟମରେ ସମାଜକୁ ସତମାର୍ଗରେ ଯିବାର ଓ ଈଶ୍ୱର ପ୍ରାପ୍ତିର ଦିଗଦର୍ଶନ ଦେଇଥିଲେ। ଏଥିରେ ସିଙ୍ଗିରି ସରପଞ୍ଚ ଅକ୍ଷୟ ଦାସ, ସମିତିସଭ୍ୟ ପ୍ରତାପ ବାରିକ, ନୀଳମଣି ସେଠୀ, ରଞ୍ଜନ ସେଠୀ, ଟୁଟୁ ପଣ୍ଡା, ଚଣ୍ଡିଆଗଡ଼ି ସରପଞ୍ଚ ସନାତନ ସାହୁ, ସମିତିସଭ୍ୟ ରାମଚନ୍ଦ୍ର ଦାସ, ବ୍ଲକ ବିଜେଡି ସଭାପତି ସନାତନ ମିଶ୍ର, ଭାଜପା ଜିଲା ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ। ଏହି ଭକ୍ତ ସମ୍ମିଳନୀକୁ ଗ୍ରାମବାସୀ ପରିଚାଳନା କରିଥିଲେ।

# ଷ୍ଟାର୍ ଇଲେଭେନ ଟିମ୍ ଚାମ୍ପିୟନ

## ମଧୁବନ ପ୍ରିମିୟର ଲିଗ୍ ଉଦ୍‌ଯାପିତ

ଆଳି,୩୧ (ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଅନ୍ତର୍ଗତ ମଧୁବନ ଖେଳ ପଡ଼ିଆରେ ଚାଲିଥିବା ମଧୁବନ ପ୍ରିମିୟର ଲିଗ୍ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ୍ ଷ୍ଟାର ଇଲେଭେନ ଓ ସାଇ ୱାରିୟର୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଷ୍ଟାର ଇଲେଭେନ ବ୍ୟାଟିଂ କରି ୧୨ ଓଭରରେ ୧୧୨ ରନ ସଂଗ୍ରହ କରିଥିଲା। ଏହାର ଜବାବ୍‌ରେ ସାଇ ୱାରିୟର୍ସ ୧୨ ଓଭରରେ ୧୦୪ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା । ଫଳରେ ଷ୍ଟାର ଇଲେଭେନ ଟିମ୍ ଚାମ୍ପିଆନ ହୋଇଥିଲା । ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ଯୋଜନା ବୋର୍ଡ ସଦସ୍ୟ ଭୀଷ୍ମ ମହାନ୍ତି, ସମ୍ମାନିତ ଅତିଥି ସାମାଜିକ କର୍ମୀ ସୁକାନ୍ତ ରାଉତ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ମଲିକ, ଯୁବ ବିଜେଡି ସଭାପତି କେଦାରନାଥ ବେହେରା, ପୂର୍ବତନ ସରପଞ୍ଚ ଅମର ସାମଲ ଓ ଶଙ୍କର୍ଷଣ ମଲିକ ପ୍ରମୁଖ ଯୋଗଦେଇ ଚାମ୍ପିଆନ ଟିମ୍‌କୁ ନଗଦ ୪୦ ହଜାର ସହିତ ଟ୍ରଫି ଓ ରନର୍ସ ଅପ୍ ଟିମ୍‌କୁ ୨୦ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିଲେ। ପ୍ରଦୀପ ସାମଲ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ । ସୌମ୍ୟ ରଞ୍ଜନ ସାମଲ, ମାନସ ମଲିକ, ପ୍ରଦୀପ ସୁତାର ଖେଳ ପରିଚାଳନା କରିଥିଲେ।



ଅତିଥିମାନେ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ଚେକ୍ ପ୍ରଦାନ କରୁଛନ୍ତି।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ବୈଠକ

ପଟ୍ଟାମୁଣ୍ଡାଇ, ୩୧ (ଅକ୍ଷୟ ବିଶ୍ୱାଳ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ସରକାରୀ ଅବସରପ୍ରାପ୍ତ କର୍ମଚାରୀ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଗୁରୁବାର ପୂର୍ବାହ୍ନରେ ରାମ ମନ୍ଦିର ପରିସରରେ ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ସଭ୍ୟମାନେ ଆଲୋଚନା କରିଥିଲେ। ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନଙ୍କୁ ୬୫ବର୍ଷ, ୭୦ବର୍ଷ, ୭୫ବର୍ଷ ଓ ୮୦ ବର୍ଷରେ ଅତିରିକ୍ତ ପେନ୍‌ସନ ପ୍ରଦାନ, ବୟସାଧିକ୍ୟ ହେତୁ ଅବସରପ୍ରାପ୍ତ କର୍ମଚାରୀମାନେ ବିଭିନ୍ନ ରୋଗର ଶିକାର ହେଉଥିବାରୁ ଅନ୍ୟ ରାଜ୍ୟ ଭଳି ଚିକିତ୍ସା ଭତ୍ତା ପ୍ରଦାନ କରିବା, ଜାନୁୟାରୀ ୩ ତାରିଖରେ ରାଜ୍ୟ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କର ରାଜ୍ୟସ୍ତରୀୟ ସଭାରେ ଯୋଗଦାନ କରିବାକୁ ସିଦ୍ଧାନ୍ତ କରାଯାଇଥିଲା। ଏ ନେଇ ଏକ ପ୍ରତିନିଧି ଦଳ ଯୋଗ ଦେବାକୁ ଚୟନ କରାଯାଇଥିଲା। ସଭା ପ୍ରାରମ୍ଭରେ ଦିବଂଗତ ସରକାରୀ କର୍ମଚାରୀ ରତ୍ନାକର ପରିଡା, ନାଟ୍ୟକାର ହରପ୍ରସାଦ ପଟ୍ଟନାୟକ, ଗୌରାଙ୍ଗ ଦାଶଙ୍କ ଆତ୍ମାର ସଦ୍‌ଗତି କାମନା କରି ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଅବସରପ୍ରାପ୍ତ କର୍ମଚାରୀ ସଂଘର ସମ୍ପାଦକ ଚତୁର୍ଭୁଜ ରାଉଳ ସଭାରେ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଦୁର୍ଯ୍ୟୋଧନ ପରିଡା, ପ୍ରଫେସର କୌଳାସ ଚନ୍ଦ୍ର ପାତ୍ର, ପ୍ରଫେସର ଭରତ ଚନ୍ଦ୍ର ପାତ୍ର, ଈଶ୍ୱର ଚନ୍ଦ୍ର ଲେଙ୍କା, ତ୍ରିଲୋଚନ ଜେନା, କସ୍ତୁରୀ ଚରଣ ସ୍ୱାଇଁ, ବିଜୟ କୁମାର ସାହୁ, ସଚ୍ଚିନନ୍ଦନ ଦାସ, ପୀତାମ୍ବର ମହାପାତ୍ର, ତପନ କୁମାର ପାତ୍ର, ପ୍ରଫୁଲ୍ଲ କୁମାର ପ୍ରଧାନ, ଗନ୍ଧର୍ବ ଲେଙ୍କା, ସନାତନ ତରାଇ ପ୍ରମୁଖ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଶେଷରେ ବରିଷ୍ଠ ସଭ୍ୟ ପ୍ରମୋଦ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ସାମାଜିକ ସଚେତନତା କାର୍ଯ୍ୟକ୍ରମ


ପିଲାମାନେ ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନ କରୁଛନ୍ତି।

ରଘୁନାଥପୁର, ୩୧ (ରାଜେନ୍ଦ୍ର ନାରାୟଣ ସିଂହ)

## ସ୍ୱାମୀ ଅରୂପାନନ୍ଦ ଡିଗ୍ରୀ କଲେଜ

ରଘୁନାଥପୁର ବ୍ଲକ କୁର୍ତ୍ତାଙ୍ଗସ୍ଥିତ ସ୍ୱାମୀ ଅରୂପାନନ୍ଦ ଡିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ସରକାରଙ୍କ ନୂଆ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ଜରିଆରେ ସାମାଜିକ ସଚେତନତା ଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଦୟାନିଧି ରାଉତରାୟଙ୍କ ତତ୍ତ୍ୱାବଧାନରେ ସମସ୍ତ ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ବାହାରି ଗ୍ରାମ୍ୟ ପରିକ୍ରମା କରିଥିଲେ। ନୋଡାଲ ଅଫିସର ଭଗବାନ ଦାସ, ସାମାଜିକ କାର୍ଯ୍ୟକ୍ରମ ଅଧିକାରୀ ସ୍ମିତା ମହାନ୍ତି, ଲକ୍ଷ୍ମୀ ସାହୁ, ରଞ୍ଜିତା ମହାନ୍ତି, ଯାଜ୍ଞସେନୀ ମହାନ୍ତି, ଦୀପ୍ତିମୟୀ ଜେନା, ପ୍ରତିସ୍ମିତା ମହାନ୍ତି, ମୋ କଲେଜ ଅଭିଯାନ ସଭାପତି ଅମ୍ବିକା ପ୍ରସାଦ ଦାସ ପ୍ରମୁଖ ସହଯୋଗ କରିଥିଲେ। ଛାତ୍ରୀଛାତ୍ରମାନେ ହାତରେ ପ୍ଲା କାର୍ଡ ଧରି ବିଭିନ୍ନ ସାମାଜିକ ସଚେତନତା ସମ୍ପର୍କରେ ସ୍ଲୋଗାନ ଦେଇ ବର୍ତ୍ତୀ ଓ କୁର୍ତ୍ତାଙ୍ଗ ଗ୍ରାମ ବୁଲିଥିଲେ। ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ନାଟକ ଓ ନୃତ୍ୟ ଗୀତ ମାଧ୍ୟମରେ ସରକାରୀ ଯୋଜନାର ସଫଳତା, ସମାଜରୁ କୁସଂସ୍କାର ଓ ଅନ୍ଧ ବିଶ୍ୱାସକୁ ପ୍ରଶ୍ରୟ ନ ଦେବା, ସମସ୍ତଙ୍କ ପାଇଁ ବାଧ୍ୟତାମୂଳକ ଶିକ୍ଷା ଏବଂ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ।

# ଭଲିବଲ୍ ଟୁର୍ନାମେଣ୍ଟ: ପଟ୍ଟାମୁଣ୍ଡାଇ ଏକାଦଶ ଚାମ୍ପିୟନ

ରାଜନଗର,୩୧ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ପେଣ୍ଠସମୁଦ୍ର ବେଳାଭୂମିରେ ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ଆନୁକୂଲ୍ୟରେ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ମାଧ୍ୟମରେ ବିଚ୍ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ୪ ଦଳ ମଧ୍ୟରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା । ପ୍ରଥମ ସେମି ଫାଇନାଲ ମ୍ୟାଚ ବଳଭଦ୍ରପୁର ଟିମ୍ ପଟ୍ଟାମୁଣ୍ଡାଇ ବେଲତଳ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବେଲତଳକୁ ପରାସ୍ତ କରି ବଳଭଦ୍ରପୁର ଟିମ୍ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ୨ୟ ସେମି ଫାଇନାଲ ମ୍ୟାଚ ପଟ୍ଟାମୁଣ୍ଡାଇ ଏକାଦଶ ଏବଂ ରାଜନଗର ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ରାଜନଗରକୁ ହରାଇ ପଟ୍ଟାମୁଣ୍ଡାଇ ଏକାଦଶ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲ ମ୍ୟାଚରେ ପଟ୍ଟାମୁଣ୍ଡାଇ ଏକାଦଶ ବଳଭଦ୍ରପୁର ଟିମ୍‌କୁ ୨-୦ରେ ହରାଇ ଚମ୍ପିୟାନ ଆଖ୍ୟା ଅର୍ଜନ କରିଥିଲା। ଅପରାହ୍ନରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ପଟ୍ଟାମୁଣ୍ଡାଇ ବିଡିଓ ଶୁଭ୍ରାଂଶୁ ସାହୁ ପୌରୋହିତ୍ୟ କରିଥିବା ବେଳେ ବିଧାୟକ ସାହୁ ମୁଖ୍ୟ ଅତିଥି, ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ରାଜନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଗୁଡିଆ, ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ରାଜନଗର ବିଡିଓ ନିଶାନ ମିଶ୍ର ପ୍ରମୁଖ ସମ୍ମାନୀତ ଅତିଥି ଯୋଗଦେଇ ବିଜୟୀ ଏବଂ ରନର୍ସଅପ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ନିରଞ୍ଜନ ରାଉତ, ବୀଣାପାଣି ପ୍ରଧାନ, ଅଶୋକ ମହାନ୍ତି, ସୁଶ୍ରୀ ସଙ୍ଗୀତା ମିଶ୍ର, ଚିତ୍ତରଞ୍ଜନ ପଣ୍ଡା, ଇତିଶ୍ରୀ ମହାପାତ୍ର, କୈଳାସ ପରିଡ଼ା, ପ୍ରସନ୍ନ ପରିଡା, ସସ୍ମିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ରାଜକନିକା,୩୧ (ସଞ୍ଜୟ କୁମାର ଦାଶ)

ରାଜକନିକା ପଞ୍ଚାୟତ ସମିତି ଅଧୀନ ଦେଉଳତରା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ରାଜକନିକା ବିଡ଼ିଓ ପୃଥୀରାଜ ପରିଡ଼ା ଉଦଘାଟନ କରି ଆୟୋଜିତ ସଭାରେ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତିଅଧକ୍ଷା ମିନତୀ ରାଉତ ଓ ଅନ୍ୟତମ ଅତିଥି ଭାବେ ସବ୍‌ଡିଭିଜନାଲ ସୋସିଆଲ ସିକ୍ୟୁରିଟି ରୁପାଲୀ ପ୍ରିୟଦର୍ଶନୀ ନାୟକ, ଦେଉଳତାର ସରପଞ୍ଚ ସଞ୍ଜୟ କୁମାର ପଣ୍ଡା, ସମିତିସଭ୍ୟ ବାବୁରାମ ଜେନା ପ୍ରମୁଖଙ୍କ ସମେତ ବ୍ଲକ ପ୍ରଶାସନର ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

ଶିବିରରେ ମୋଟ ୧୭୭ ଜଣଙ୍କ ମଧ୍ୟରୁ ଅସ୍ଥିଶଲ୍ୟ ବିଭାଗରେ-୭୩, ମାନସିକ ବିଭାଗରେ-୧୪, ଦୃଷ୍ଟି ବିଭାଗ-୧୯, ଶ୍ରବଣ ବିଭାଗ-୨୦ ଜଣ ଭିନ୍ନକ୍ଷମ ଯୋଗ ଦେଇଥିଲେ । ଗ୍ରାମୀଣ ଆବାସ ଏବଂ ରାଶନକାର୍ଡ ପାଇଁ ୨୦, ବସ୍ ପାସ୍ ପାଇଁ ୧୮, ଡିଆରଆଇ ରଣ ପାଇଁ ୯ ଓ ସହାୟକ ଉପକରଣ ୧୧ ଜଣଙ୍କୁ ପ୍ରଦାନ କରାଯାଇଥିଲା । ଏହାବାଦ୍ ନିଯୁକ୍ତି ଓ ପ୍ରଶିକ୍ଷଣ ପାଇଁ ଦୁଇଜଣ ଆବେଦନ କରିଥିବା ବେଳେ, ନିଯୁକ୍ତି ଭିତ୍ତିକ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ବିଶଜିତ୍ ବଳିଆରସିଂ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ, ସାମାଜିକ ସମୀକ୍ଷକ ସୁବ୍ରତ ସାମଲ ମଞ୍ଚ ପରିଚାଳନା କରିଥିଲେ । ସରୋଜ କୁମାର ସାହୁ, ଜିଆରଏସ୍ ବିଭୁତିଭୂଷଣ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଶିବିରରେ ମଞ୍ଚାସୀନ ଅତିଥିମାନେ।

# ପଲିଥିନ ତଳେ ଶୀତ, କାକରରେ ବିତୁଛି ଜୀବନ

- ଗୋପବନ୍ଧୁ ଝଡ଼ବର୍ଷାରେ ପଡ଼ିଶା ଘରେ ଆଶ୍ରୟ ନିଅନ୍ତି
- ସରକାରୀ ଯୋଜନା ସତସପନ

ରାଜକନିକା,୩୧ (ସଞ୍ଜୟ କୁମାର ଦାଶ)

କେନ୍ଦ୍ର ଓ ରାଜ୍ୟ ସରକାର ସାଧାରଣ ଗରିବ ଲୋକଙ୍କ ପାଇଁ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ଯୋଜନା କରିଛନ୍ତି। ସେଥିମଧ୍ୟରୁ ଆବାସ ଯୋଜନା, ବିଜୁ ପକ୍କାଘର ଅନ୍ୟତମ। ସାଧାରଣ ଗରିବଙ୍କୁ ଏହି ଯୋଜନାରେ ଗୃହ ଯୋଗେଇ ଦେଉଛନ୍ତି ବୋଲି କୁହାଯାଉଛି। ହେଲେ ପ୍ରକୃତ ଚିତ୍ର କିନ୍ତୁ ଅଲଗା। ଭଙ୍ଗା ଝାଟିମାଟି ଘର ଉପରେ ପଲିଥିନ ପକାଇ ସେଥିରେ କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ସିହୋପଡା ଗାଁର ଗୋପବନ୍ଧୁ ଜେନା(୪୬), ସ୍ତ୍ରୀ ସବିତା ଓ ତିନି ବଢ଼ିଲା ଝିଅ ରହୁଛନ୍ତି। ବଡ଼ଝିଅ ଶର୍ମିଷ୍ଠା ଜେନା(୧୮) ଅର୍ଥ ଅଭାବରୁ ଯୁକ୍ତ ୨ ପାସ୍ କରି ପାଠରେ ଡୋରି ବାନ୍ଧିଛନ୍ତି। ସେମିତି ମଝିଆ ଝିଅ ସ୍ନିଗ୍ଧାରାଣୀ ନବମ ଶ୍ରେଣୀରେ ଏବଂ ସାନଝିଅ ସୌଭାଗିନୀ ସପ୍ତମ ଶ୍ରେଣୀରେ ଗାଁ ସ୍କୁଲରେ ପାଠ ପଢୁଛନ୍ତି।

ଘରର ଚାରିପଟେ ଝାଟିମାଟି କାନ୍ଥ ଗଳିପଡ଼ିଛି। ମୁଣ୍ଡ ଉପରେ ଛପର ନାହିଁ ଦିନରେ ସୂର୍ଯ୍ୟ କିରଣ ସାଙ୍ଗକୁ ରାତ୍ରିରେ ଚନ୍ଦ୍ର ତାରା ଘରେ ଦୃଶ୍ୟମାନ ହେଉଛି। ଖରା, ବର୍ଷା, ଶୀତ, କାକରରେ ଭଙ୍ଗାଘରେ ବଢ଼ିଲା ୩ ଝିଅ ଓ ସ୍ତ୍ରୀଙ୍କୁ ନେଇ ବିପଦ ସଙ୍କୁଳ


ପରିବାର ସହ ଭଙ୍ଗା ଘର ନିକଟରେ ଗୋପବନ୍ଧୁ।

ଅବସ୍ଥାରେ ଜୀବନ ବିତାଉଛନ୍ତି। ନଡ଼ା ନ ଥିବା ଛପର ଉପର ବାଉଁଶଗୁଡ଼ିକ ଭାଙ୍ଗି ବାହାରି ଗଲାଣି। କେଉଁ ବାଉଁଶ ପୋକ ଖାଇଗଲାଣି। ତା' ଉପରେ ପଲିଥିନ ପକାଇ ପରିବାର ଲୋକେ ରହୁଛନ୍ତି। ଅପରପକ୍ଷରେ ଘରର ଚାରିପଟେ କାନ୍ଥ ନ ଥିବାରୁ ଜନ୍ତୁଜୁନ୍ତା, ବିଷାକ୍ତ ସାପ ଆଦି ଶୋଇଥିବା ଅବସ୍ଥାରେ ବିଛଣା ଭିତରେ ପଶି ଯାଇଥାନ୍ତି ବୋଲି ଗୋପବନ୍ଧୁ କହିଛନ୍ତି। ବର୍ଷାଦିନେ ପରିବାରକୁ ଧରି ବାରଦୁଆର ଶୁଙ୍ଘିପିଣ୍ଡା ହୋଇଥାନ୍ତି ବୋଲି ଗୋପବନ୍ଧୁ କହିଥିଲେ। ଖୋଲାଆକାଶ ତଳେ ରୋଷେଇ ବାସ କରିଥାନ୍ତି। ଯେମିତି କି ଏହି ପରିବାର ପାଇଁ ସରକାରୀ ଯୋଜନା ସାତସପନ ପାଲଟିଛି। ଗୋପବନ୍ଧୁ ଶ୍ରମିକ ଭାବେ କାମ କରୁଥିବା ବେଳେ ଗ୍ରାମାଞ୍ଚଳରେ ସବୁଦିନ ମିଳି ନ ଥାଏ। ମଜୁରିରୁ ଯାହା ଉପାର୍ଜନ ହୁଏ ସେଥିରେ ପରିବାରର ଗୁଜୁରାଣ ମେଣ୍ଟେ। କାମ ନ ମିଳିଲେ ପରିବାର ଲୋକେ ଓଳିଏ ଖାଇ ଓଳିଏ ଉପବାସରେ ରହିବାକୁ ପଡ଼େ। ପର ଘରେ ମୂଲ ଲାଗି ୫ବର୍ଷ ତଳେ ଧାର ଆଣି ଏକ ନଡ଼ା ଛପର ଘର ତିଆରି କରିଥିଲେ। ଅର୍ଥାଭାବରୁ ତାହା ଅଧାପନ୍ତରିଆ ହୋଇ ପଡ଼ିଛି। କେବଳ ପରିବାରକୁ ରାଶନ ବାବଦକୁ ଚାଉଳ ଗଣ୍ଡାଏ ମିଳିଥାଏ। ସେହି କାର୍ଡରେ ସାନଝିଅର ନାମ ନାହିଁ। ଗୁହାରି କଲେ ମଧ୍ୟ କେହି ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି ସବିତା। ଆବାସ ଯୋଜନାରେ ଘର ଖଣ୍ଡେ ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ବାରମ୍ବାର ଦୌଡି ଆବେଦନ କରିଥିଲେ ମଧ୍ୟ ମିଳୁନାହିଁ ବୋଲି ଗୋପବନ୍ଧୁ କହିଥିଲେ। ପାଠ ପଢ଼ାରେ ଡୋରି ବାନ୍ଧିଥିବା ଶର୍ମିଷ୍ଠା କହିଛନ୍ତି, ଯଦି ସରକାରୀ ଅନୁଦାନ ମିଳେ ଆଗକୁ ପାଠ ପଢ଼ିବି। ଏ ନେଇ ଗାଁର ସାମାଜିକ କର୍ମୀ ରବୀନ୍ଦ୍ର ନାରାୟଣ ଜେନା, ଉମାକାନ୍ତ ବେହୁରିଆ ଓ ଜୟନ୍ତ କୁମାର ମଲିକ ବ୍ଲକ ପ୍ରଶାସନ ଏହି ପରିବାରକୁ ତୁରନ୍ତ ଗୃହ ଯୋଗାଇ ଦେଉ ବୋଲି କହିଛନ୍ତି। ଏ ସମ୍ପର୍କରେ ବିଡିଓ ପୃଥ୍ୱୀରାଜ ପରିଡାଙ୍କୁ ପଚାରିବାରେ ଏଠାକୁ ନୂଆକରି ଆସିଛି। କ'ଣ ହେଉଛି ନ ହେଉଛି ଜାଣିନି। ଆପଣଙ୍କଠାରୁ ଜାଣିଲି। ଖୁବ୍‌ଶୀଘ୍ର ତଦନ୍ତ କରି ରାଶନ କାର୍ଡରେ ତାଙ୍କ ସାନ ଝିଅ ନାମକୁ ସଂଯୋଗ କରାଯିବ। ଘର ପାଇବା ପାଇଁ ସରକାରଙ୍କ ନିୟମାନୁଯାୟୀ ଯଦି ଯୋଗ୍ୟ ହୋଇଥିବେ ଖୁବ୍‌ଶୀଘ୍ର ଯୋଗାଇ ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

## ସଂକ୍ଷେପରେ

### ସକାଳ ୯ ଯାଏ ଘନ କୁହୁଡ଼ି


ଜାତୀୟ ରାଜପଥରେ ସକାଳ ୯ ଯାଏ ଘନ କୁହୁଡ଼ି ରହିଛି।

**ନୂଆଗାଁ,୩।୧(ଧନେଶ୍ୱର ସାହୁ) :** ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଅଞ୍ଚଳରେ ବୁଧବାର ସକାଳ ୯ ଟା ଯାଏ ଘନ କୁହୁଡି ହୋଇଥିଲା । ଯାହା ଫଳରେ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥରେ ଯାନବାହନ ଚଳାଚଳାରେ ବାଧା ଉପୁଜି ଥିଲା । ଜନ ସାଧାରଣ ଘରୁ ବାହାରି ନିଜ କର୍ମ କ୍ଷେତ୍ରକୁଯିବାରେ ମଧ୍ୟ ସମସ୍ୟା ଦେଖା ଦେଇଥିଲା ।

### ଜିଲା ମୋହରିର ସଂଘର ନିର୍ବାଚନ

**ନୟାଗଡ଼,୩।୧(ଲୋକନାଥ ମିଶ୍ର):** ନୟାଗଡ଼ ଜିଲା ମୋହରୀ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇ ଯାଇଛି । ସଭାପତି ଭାବେ ଚୈତନ୍ୟ ନାୟକ, ଉପସଭାପତି ଭାବେ ବାଳକୃଷ୍ଣ ବିଶ୍ୱାଳ, ସମ୍ପାଦକ ଭାବେ ସନ୍ତୋଷ କୁମାର ରାୟ, ସହ ସମ୍ପାଦକ ଭାବେ ବୁଦ୍ଧି ନାହାକ ନିର୍ବାଚିତ ହୋଇଛନ୍ତି । ସେହିପରି କୋଷାଧ୍ୟକ୍ଷ ଭାବେ ଗଣେଶ ପ୍ରସାଦ ମିଶ୍ର, କାର୍ଯ୍ୟକାରୀ କମିଟିକୁ ମକରା ପ୍ରଧାନ, ଲକ୍ଷ୍ମୀଧର ନାୟକ, ତ୍ରିନାଥ ପରିଡ଼ା ଅଛନ୍ତି । ଉପଦେଷ୍ଟା ଭାବେ ପ୍ରଭାତ କୁମାର ମହାନ୍ତି, ଜଗବନ୍ଧୁ ଦଳେଇ, ବୃନ୍ଦାବନ ଶତପଥୀ ସ୍ଥାନ ପାଇଛନ୍ତି।

### ଫାଇନାନ୍ସ କର୍ମଚାରୀଙ୍କୁ ମାଡ଼ମାରି ଟଙ୍କା ଲୁଟ୍ ଅଭିଯୋଗ

ଦିଗପହଣ୍ଡି,୩।୧(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଥାନା ବି.ତୁରୁବୁଡି ପଞ୍ଚାୟତ ଅନ୍ତର୍ଗତ ଗାଇଗୁହାଳ ଛକ ନିକଟରେ ଏକ ଘରୋଇ ଫାଇନାନ୍ସ କମ୍ପାନୀର ୨ଜଣ କର୍ମଚାରୀଙ୍କୁ ମାଡ଼ ମାରି ଟଙ୍କା ଲୁଟ୍ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପ୍ରକାରେ ସ୍ୱତନ୍ତ୍ର ଫାଇନାନ୍ସ କମ୍ପାନୀର ୨ କର୍ମଚାରୀ ଖଲ୍ଲିକୋଟ ଅଞ୍ଚଳର ସୁଦାମ ମଲ୍ଲିକ ଏବଂ ସୋରଡାର ଶଙ୍କର ପ୍ରସାଦ ସାହୁ ଦୁହେଁ ମିଶି ମଙ୍ଗଳବାର ବିଳମ୍ବିତ ସନ୍ଧ୍ୟାରେ ଋଣଟଙ୍କା ଆଦାୟ କରି ବି. ତୁରୁବୁଡ଼ି ଗ୍ରାମରୁ ସାନତୁମୁଳା ଅଭିମୁଖେ ଯାଉଥିଲେ। ଏହି ସମୟରେ ଅନ୍ୟ ଏକ ବାଇକରେ ୩ ଜଣ ଦୁର୍ବୃତ୍ତ ଗାଇଗୁହାଳ ଛକ ନିକଟରେ ସେମାନଙ୍କୁ ଅଟକାଇବା ସହ ଟଙ୍କା ମାଗିଥିଲେ। ଟଙ୍କା ଦେବାକୁ ଦୁଇ କର୍ମଚାରୀ ରାଜି ନହେବାରୁ ଦୁର୍ବୃତ୍ତମାନେ ସେମାନଙ୍କୁ ଆକ୍ରମଣ କରି ବ୍ୟାଗରେ ଧରିଥିବା ୬୫ ହଜାର ଟଙ୍କା ଛଡାଇ ନେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ଅନୁଧ୍ୟାନ କରି ଫେରିଥିଲେ। ପରେ ଲୁଟର ଶିକାର ହୋଇଥିବା ସୁଦାମ ମଳିକ ରାତି ପ୍ରାୟ ୧୧ ଟାରେ ଥାନାରେ ଏତଲା ଦେଇଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାପଡ଼ିଛି।

# ବିଏସ୍‌କେୱାଇ ନବୀନ କାର୍ଡ ପାଇଁ ୬ରୁ ପଞ୍ଜୀକରଣ

■ମୋ ସେବା କେନ୍ଦ୍ରରେ ଦେୟମୁକ୍ତ ପଞ୍ଜୀକରଣ ବ୍ୟବସ୍ଥା
■ମେ ୧ରୁ ମିଳିବ ସୁବିଧା

ନୟାଗଡ଼,୩।୧(ଲୋକନାଥ ମିଶ୍ର)

ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ)ର ପରିସରକୁ ସମ୍ପ୍ରସାରିତ କରି ବିଏସ୍‌କେୱାଇ ନବୀନ ଓଡ଼ିଶା କାର୍ଡ ଯୋଜନାରେ ଗ୍ରାମୀଣ ପରିବାରକୁ ସାମିଲ କରିବାକୁ ନାମ ପଞ୍ଜୀକରଣ କରିବାକୁ ବ୍ୟବସ୍ଥା କରିଛନ୍ତି । ବିଏସ୍‌କେୱାଇ ଅର୍ନ୍ତଭୁକ୍ତ ହୋଇ ନ ଥିବା ସବୁ ଗ୍ରାମୀଣ ପରିବାର ଏହି ଯୋଜନାରରେ ସୁଫଳ ପାଇ ପାରିବେ । ତେବେ ଆବେଦନକାରୀ ୨୦୨୨-୨୩ ଆର୍ଥିକ ବର୍ଷରେ ଆୟକରଦାତା ହୋଇ ନ ଥିବେ । ସେହିଭଳି ପେନଶନ ଭୋଗୀ ଅଥବା ସରକାରୀ କର୍ମଚାରୀ ହୋଇ ନ ଥିବେ । ଯୋଜନାରେ ଅର୍ନ୍ତଭୁକ୍ତ ହେବା ପାଇଁ ଜାନୁଆରୀ ୬ରୁ ୧୬ ତାରିଖ ଭିତରେ ମୋ ସେବା କେନ୍ଦ୍ରରେ ଦେୟ ମୁକ୍ତ ନାମ ପଞ୍ଜୀକରଣ କରି ପାରିବେ । ଏନେଇ ନୟାଗଡ଼ ଜିଲାପାଳ ରବୀନ୍ଦ୍ର କୁମାର ସାହୁ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ କରି ଏଭଳି ସୂଚନା ଦେଇଛନ୍ତି ।



ଖବରଦାତା ସମ୍ମିଳନୀରେ ଜିଲାପାଳ ଓ ଅନ୍ୟମାନେ।

ଜିଲାପାଳଙ୍କ ସୂଚନା ଅନୁସାରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ଯେ କୌଣସି ସଦସ୍ୟ ବିଏସ୍‌କେୱାଇ ନବୀନ କାର୍ଡ ନିମନ୍ତେ ପରିବାର ପକ୍ଷରୁ ଆବେଦନ କରି ପାରିବେ। ଆବେଦନକାରୀଙ୍କ ସକ୍ରୀୟ ମୋବାଇଲ ନମ୍ବର ସହବନ୍ଧିତ ଆଧାରକାର୍ଡ ଥିବା ଦରକାର। ପୁଣି ଆବେଦନକାରୀଙ୍କ କେୱାଇସି ଓ ଭୋଟର ପରିଚୟ ପତ୍ର ରହିଥିବା ଦରକାର । ଆବେଦନକାରୀ ଓ ପରିବାର ମୁଖ୍ୟଙ୍କର ଫଟୋ ଦେବାକୁ ପଡିବ । ୫ ବର୍ଷରୁ କମ୍ ପିଲାଙ୍କ ସମେତ ସବୁ ସଦସ୍ୟଙ୍କ ଆଧାର କାର୍ଡ ଥିବା ଦରକାର । ଯଦି ୫ ବର୍ଷରୁ କମ୍ ପିଲାଙ୍କ ଆଧାର ନ ଥିବ ତେବେ ୩୦।୬।୨୦୨୪ ସୁଦ୍ଧା ସମ୍ପୃକ୍ତ ପିଲାଙ୍କର ଆଧାର ନମ୍ବର ଦାଖଲ ନିମନ୍ତେ ପ୍ରତିଜ୍ଞା ପତ୍ର(ଅଣ୍ଡର ଟେକିଂ) ଦିଆଯିବା ଦରକାର। ମେ ୧ରୁ ବିଏସ୍‌କେୱାଇ ନବୀନ କାର୍ଡରେ ପରିବାର ପାଇଁ ବାର୍ଷିକ ୫ ଲକ୍ଷ ଓ ମହିଳା ସଦସ୍ୟଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ଦେୟ ମୁକ୍ତ ଚିକିତ୍ସା ପ୍ରାବଧାନ ରହିଛି । ଘରୋଇ ହସ୍ପିଟାଲରେ ଚିକିତ୍ସା ଉପଲବ୍ଧ ହେବ । ଅନ୍ୟମାନଙ୍କ ମଧ୍ୟରେ ସିଡିଏମ୍‌ଓ ରମାକାନ୍ତ ପଣ୍ଡା ଓ ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥାଇ ବିଏସ୍‌କେୱାଇ ଉପରେ ଟିପ୍ପଣୀ ରଖିଥିଲେ ।

## ନୀଳମାଧବ ବିଦ୍ୟାପୀଠ ପୁରାତନ ଛାତ୍ରଙ୍କ ବନ୍ଧୁ ମିଳନ

ଖଣ୍ଡପଡ଼ା,୩।୧
(ଅଜୟ କୁମାର ମହାରଣା)

ନୀଳମାଧବ ବିଦ୍ୟାପୀଠ କଣ୍ଟିଲୋର ୧୯୭୭ ବ୍ୟାଚ୍ ମାଟ୍ରିକ ଛାତ୍ରମାନଙ୍କ ଏକ ବନ୍ଧୁ ମିଳନ ପଥରଚକଡାସ୍ଥିତ ମା' ନାରାୟଣୀ ପୀଠରେ ବୁଧବାର ଅନୁଷ୍ଠିତ ହୋଇ ଯାଇଛି। ପୁରାତନ ଛାତ୍ର ଗୋପାଳ ଚନ୍ଦ୍ର ଅଗ୍ରୱାଲାଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୬୦ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରମାନେ ପରିବାର ସହ ଏକାଠି ହୋଇ ବିଗତ ଦିନର ସ୍ମୃତିକୁ ରୋମନ୍ଥନ କରିଥିଲେ । ସତ୍‌ପଥରେ ଜୀବନ ଅତିବାହିତ କରିବା ସହ ଗାଁ ମାଟିର ବିକାଶ ମୂଳକ କାର୍ଯ୍ୟରେ ପ୍ରୟାସ ଜରି ରଖିବାକୁ ସଂକଳ୍ପ ନେଇଥିଲେ । ଅପରପକ୍ଷେ ଦୀର୍ଘ ଦିନର ବ୍ୟବଧାନ ପରେ ପରସ୍ପରକୁ ଭେଟି ଥିବାରୁ ଭାବ ବିହ୍ୱଳ ହୋଇଥିଲେ । ତେବେ ଆଗାମୀ ବର୍ଷରେ ସମସ୍ତ ସହପାଠୀ ଏକାଠି ହେବା ସହ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ସହଯୋଗର ହାତ ବଢ଼ାଇବା ନିମନ୍ତେ ମତ ପ୍ରଦାନ କରିଥିଲେ । ପ୍ରାରମ୍ଭିକ ପର୍ଯ୍ୟାୟରେ ସହପାଠୀ ଅଗ୍ରୱାଲା, ସୁବୋଧ ଚନ୍ଦ୍ର ଦାସ, ସାନ୍ତନୁ ସିଂହଦେଓ, ବିରଞ୍ଚି ମହାନ୍ତି, ଅନ୍ତର୍ଯ୍ୟାମୀ ମାଣ୍ଡୋଇ, ଭାଗିରଥୀ ସାହୁ ପ୍ରମୁଖ କଣ୍ଟିଲୋ ଅଞ୍ଚଳର ୩୩ରୁ ଉର୍ଦ୍ଧ୍ୱ ଗରିବ ବ୍ୟକ୍ତିଙ୍କୁ ସେମାନଙ୍କ ଗୃହରେ ଭେଟି ଶୀତ ବସ୍ତ୍ର କମଳ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ତଥା ଖବରଦାତା ପ୍ରଭାକର ଶିରୋମଣି ଯୋଗଦେଇ ସହପାଠୀମାନଙ୍କୁ ଆଶ୍ରିବଚନ ପ୍ରଦାନ କରିଥିଲେ ।


ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ପୁରାତନ ଛାତ୍ରୀଛାତ୍ର।

## କୋମଣ୍ଡ କଲେଜରେ ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ



ନୂଆ-ଓ କାର୍ଯ୍ୟକ୍ରମର ଉଦ୍‌ଯାପନ ଉତ୍ସବରେ ଯୋଗ ଦେଇଥିବା ମଞ୍ଚାସୀନ ଅତିଥି।

ଓଡ଼ଗାଁ ୩।୧(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୋମଣ୍ଡ ଆନନ୍ଦ ସାହୁ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଏଥି ସହିତ କଲେଜର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଛି । ଅଧକ୍ଷ ସୁରେଶ ଚନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ବିଧାୟକ ଅରୁଣ କୁମାର ସାହୁ ମୁଖ୍ୟଅତିଥି,ପରିବେଶବିତ୍ ସୁରେଶ ଚନ୍ଦ୍ର ହୋତା ମୁଖ୍ୟବକ୍ତା ଓ ସମ୍ମାନୀତ ଅତିଥି ବ୍ଲକ ଅଧକ୍ଷ ଲୋକନାଥ ସାହୁ, ବ୍ଲକ ଉପାଧ୍ୟକ୍ଷା ମୀରା ନାୟକ, ଜିଲା ପରିଷଦ ସଦସ୍ୟା ଝିଲି ପ୍ରଧାନ, ବିରଜାଲକ୍ଷ୍ମୀ ସାହୁ, ସରପଞ୍ଚ ଦୀପିକା ସେଠୀ ଓ ବିଡିଓ ଜିତେନ୍ଦ୍ର କୁମାର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ । ସମ୍ମାନୀତ ବକ୍ତା ଶିକ୍ଷାବିତ୍ ଅଶୋକ କୁମାର ମହାପାତ୍ର ନିଜ ବକ୍ତବ୍ୟରେ ପିଲାମାନଙ୍କୁ ସୁନାଗରିକ ହେବକୁ କେତେକ ଟିପସ୍ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଯାହା ନ ଦେଖିବ ବେନି ନୟନେ, ପରତେ ନ ଯିବ ଗୁରୁ ବଚନେର ଉଦହାରଣ ପ୍ରଦାନ ପୂର୍ବକ ସମ୍ପ୍ରତି ଶିକ୍ଷାନୁଷ୍ଠାନରେ ହେଉଥିବା ବୈପ୍ଳବିକ ପରିବର୍ତ୍ତନ ସମ୍ପର୍କରେ କହିଥିଲେ । ସେହିପରି ଶିକ୍ଷାକ୍ଷେତ୍ରରେ ମଧ ରାଜ୍ୟରେ ପରିବର୍ତ୍ତନ ହେଉଥିବା ବେଳେ ଯୁକ୍ତ ୨ ଓ ଯୁକ୍ତ ୩ ବିଜ୍ଞାନ ଫଳାଫଳରେ ନୟାଗଡ଼ ଜିଲା ଆଗରେ ରହୁଥିବା କହିବା ସହିତ ପିଲାଙ୍କୁ ଭଲ ମଣିଷ ହେବା ସହିତ ସାଧନା ଜାରି ରଖିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ୨୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ସ୍ମାର୍ଟ କ୍ଲାସ ରୁମ୍‌କୁ ମୁଖ୍ୟଅତିଥି ବିଧାୟକ ସାହୁ ଉଦ୍‌ଘାଟନ କରିଥିଲେ । ଶିକ୍ଷାବିତ୍ ଦଣ୍ଡପାଣି ସାହୁଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଓ ଉତ୍ତରୀୟ ପ୍ରଦାନ କରିଥିଲେ । ଏହାପରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କୃତି ଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । କଲେଜ ପ୍ରତିଷ୍ଠାତା ସଦସ୍ୟା ଶାନ୍ତିଲତା ସାହୁଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଅଧ୍ୟାପିକା ମିନାକ୍ଷୀ ଚୌଧୁରୀ ମଞ୍ଚ ପରିଚାଳନା କରିଥିଲେ ।

## ଶାଳଝରିଆରେ ଧାନମଣ୍ଡି ଉଦ୍‌ଘାଟିତ

ଖଣ୍ଡପଡ଼ା,୩।୧
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ଶାଳଝରିଆ ସେବା ସମବାୟ ସମିତି କାର୍ଯ୍ୟାଳୟ ପରିସରରେ ବୁଧବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । ଶାଳଝରିଆ ସେବା ସମବାୟ ସମିତିର ସମ୍ପାଦକ ଚକ୍ରଧର ସାହୁ, ସଭାପତି ଗୋପାଳ କୃଷ୍ଣ ପଣ୍ଡା ଓ ଆରଏମ୍‌ସି କର୍ମଚାରୀ ରବି ଦଳବେହେରାଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଚାଷୀମାନଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା ପରେ ଧାନକ୍ରୟ କରାଯାଇଥିଲା । ନୟାଗଡ଼ ଜିଲା ଅଧୀନ ଶୁକଳଗାଡିଆସ୍ଥିତ ମା'କାଉଁରୀ ମିଲର କର୍ତ୍ତୃପକ୍ଷ ମଣ୍ଡିରେ ଉପସ୍ଥିତ ରହି ସ୍ଥାନୀୟ ଅଞ୍ଚଳର ଚାଷୀଙ୍କ ଠାରୁ ଧାନକ୍ରୟ କରିଥିଲେ । ଧାନମଣ୍ଡି ଖୋଲି ଥିବାରୁ ସ୍ଥାନୀୟ ଅଞ୍ଚଳର ଚାଷୀମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି ।

## ନୀଳମାଧବଙ୍କ ଦର୍ଶନ କରିବେ ରେଳମନ୍ତ୍ରୀ

ଖଣ୍ଡପଡ଼ା,୩।୧
(ଅଜୟ କୁମାର ମହାରଣା)

ଆସନ୍ତା ୬ ତାରିଖ ଶନିବାର ଦିନ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନୟାଗଡ଼ ଜିଲା ଦଶପଲ୍ଲା ରେଳ ଷ୍ଟେଶନ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ସେ ଖଣ୍ଡପଡ଼ା ଓ ସେଠାରୁ କଣ୍ଟିଲୋ ଆସି ଶ୍ରୀ ନୀଳମାଧବଙ୍କ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । ସ୍ୱାଧୀନତାର ୭୦ ବର୍ଷ ପରେ ଜଣେ କେନ୍ଦ୍ରମନ୍ତ୍ରୀ ନୀଳମାଧବଙ୍କ ପୀଠକୁ ପରିଦର୍ଶନରେ ଆସୁଥିବାରୁ ସେବାୟତଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖିବାକୁ ମିଳିଛି । କେନ୍ଦ୍ର ମନ୍ତ୍ରୀଙ୍କୁ କି ଭଳି ଭାବେ ସ୍ୱାଗତ କରାଯିବ, ଶ୍ରୀ ଜୀଉଙ୍କ ଦର୍ଶନ ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ ସେ ନେଇ ନୀଳମାଧବ ସେବାୟତଙ୍କ ପକ୍ଷରୁ ପୂଜକ ସମାଜର ସଭାପତି ସଚ୍ଚିଦାନନ୍ଦ ମିଶ୍ର, ସମ୍ପାଦକ ନୀଳମାଧବ ମିଶ୍ର, ରାଶେଶ୍ୱର ମିଶ୍ର, ହୃଷିକେଶ ମିଶ୍ର ପ୍ରମୁଖଙ୍କ ସମେତ ଅନ୍ୟ ସେବାୟତମାନଙ୍କ ଉପସ୍ଥିତରେ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା ଯୋଗଦେଇଥିଲେ । ଏହାଛଡା ପୁରୀ ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ମନ୍ଦିର ପରିଚାଳନା କମିଟି ଓ ସେବାୟତମାନଙ୍କୁ ଏ ପର୍ଯ୍ୟନ୍ତ ନିମନ୍ତ୍ରଣ ଆସି ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା । କେନ୍ଦ୍ର ମନ୍ତ୍ରୀ ଶ୍ରୀଜୀଉଙ୍କୁ ଦର୍ଶନ କରିବା ଅବସରରେ ସେବାୟତଙ୍କ ସହ ସାମିଲ ହୋଇ ପ୍ରସାଦ ସେବନ କରିବାର କାର୍ଯ୍ୟକ୍ରମ ରହିଛି ।


ରେଳମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ସେବାୟତଙ୍କ ବୈଠକ।

## ଛାତ୍ରୀଛାତ୍ରଙ୍କ ଦ୍ୱାରା ସଡ଼କ ସୁରକ୍ଷା ସଚେତନତା

ଖଣ୍ଡପଡ଼ା,୩।୧
(ଅଜୟ କୁମାର ମହାରଣା)

ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବାଇପାସ ରାସ୍ତାରେ ଯାନବାହନ ଚାଳକମାନଙ୍କୁ ବୁଧବାର ଭେଟି ସଚେତନ କରିବା ସହ ଟ୍ରାଫିକ ନିୟମ ମାନି ନିରାପଦ ଭାବେ ଗାଡି ଚଳାଇବାକୁ କହିଥିଲେ । ଅନୁଷ୍ଠାନର ଛାତ୍ର ଓ ପୋଲିସ କ୍ୟାଡେଟ ପକ୍ଷରୁ ୩୦ ଛାତ୍ରୀଛାତ୍ର ହାତରେ ପ୍ଲାକାର୍ଡ ଧରି ଏକ ସଚେତନତା ଶୋଭାଯାତ୍ରାରେ ବିଦ୍ୟାଳୟ ପରସରରୁ ବାହାରି ସହର ପରିକ୍ରମା କରିବା ପରେ ବାଇପାସ ରାସ୍ତାରେ ପହଞ୍ଚି ଥିଲେ । ବାଇକ ଚାଳକମାନେ ସଦା ସର୍ବଦା ହେଲମେଟ ପିନ୍ଧିବା ସହ ଗାଡ଼ି ଚାଳକମାନେ ସିଟ୍ ବେଲ୍ଟ ପିନ୍ଧି ଗାଡି ଚଳାଇବା ସମ୍ପର୍କରେ ସଚେତନ କରିଥିଲେ । ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ଲିପ୍ସା ନନ୍ଦଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଶିକ୍ଷକ ବିଶ୍ୱମ୍ବର ପ୍ରଧାନ, ପ୍ରତାପ କୁମାର ବେହେରା, ଶିକ୍ଷୟିତ୍ରୀ ସଞ୍ଜୁବାଳା ନାଥ, ସ୍ୱର୍ଣ୍ଣଲତା ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।


ଛାତ୍ରୀମାନେ ସଡ଼କ ସୁରକ୍ଷା ସଚେତନତା ସୃଷ୍ଟି କରୁଛନ୍ତି।

## ପହଞ୍ଚିଲା ଅକ୍ଷତ କଳସ ଓ ନିମନ୍ତ୍ରଣ ପତ୍ର

ଖଣ୍ଡପଡ଼ା,୩।୧
(ଅଜୟ କୁମାର ମହାରଣା)

ଶ୍ରୀରାମ ଜନ୍ମ ଭୂମି ଅଯୋଦ୍ଧାରେ ଚଳିତ ମାସ ୨୨ ତାରିଖରେ ଶ୍ରୀରାମଙ୍କ ନବ ନିର୍ମିତ ମନ୍ଦିର ପ୍ରତିଷ୍ଠା ହେବ । ଏ ପରିପ୍ରେକ୍ଷୀରେ ଅଯୋଦ୍ଧାରୁ ଆସିଥିବା ଅକ୍ଷତ କଳସ ଓ ନିମନ୍ତ୍ରଣ ପତ୍ର ଖଣ୍ଡପଡା ବ୍ଲକର ୨୨ ପଞ୍ଚାୟତ ଅଧୀନ ସମସ୍ତ ଗ୍ରାମରେ ପହଞ୍ଚିବା ସହ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସଦସ୍ୟ, ଶ୍ରଦ୍ଧାଳୁମାନେ ଗ୍ରାମର ପ୍ରତ୍ୟେକ ଘରକୁ ଘର ଯାଇ ନିମନ୍ତ୍ରଣ ପତ୍ର ବଣ୍ଟନ କରିଛନ୍ତି । ବିଭିନ୍ନ ଗ୍ରାମରେ ଏ ନେଇ ଶୋଭାଯାତ୍ରାର ଆୟୋଜନ କରାଯାଇଛି।

## ଶରଣକୁଳରେ ଧାନମଣ୍ଡି ଉଦ୍‌ଘାଟିତ

ଶରଣକୁଳ,୩।୧(ଦୀପକ କର)

ବୁଧବାର ଶରଣକୁଳ ନିକଟ କାଳିଆତୋଟାଠାରେ ସେବା ସମବାୟ ସମିତି ପକ୍ଷରୁ ଚଳିତ ବର୍ଷ ପାଇଁ ଧାନମଣ୍ଡି ଖୋଲିଛି । ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ଯୋଗଦେଇ ଧାନମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଶରଣକୁଳ ସେବା ସମବାୟ ସମିତିର ସଭାପତି ବିଷ୍ଣୁପ୍ରିୟା ସାହୁ, ସମ୍ପାଦକ ଦୁର୍ଗା ପ୍ରସାଦ ମହାପାତ୍ର, ଶରଣକୂଳ ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ, ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ, ସାମାଜିକ କର୍ମୀ ରବୀନ୍ଦ୍ର କୁମାର ଚୌଧୁରୀ, ପ୍ରମୋଦ କୁମାର ପ୍ରଧାନ, ଧର୍ମାନନ୍ଦ ସାହୁ ଓ ପ୍ରମୋଦ ସାହୁ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ। ଏହାପରେ ଚାଷୀ ଏବଂ ମିଲରଙ୍କ ମଧ୍ୟରେ ଧାନ ସଂଗ୍ରହ ପୂର୍ବରୁ ଆଲୋଚନା ହୋଇଥିଲା । ଧାନକ୍ରୟ ପାଇଁ ରାଜ୍ୟ ସରକାରଙ୍କ ଯାହା ନିର୍ଦ୍ଦେଶ ରହିଛି ସେହି ମାନଦଣ୍ଡ ଅନୁସାରେ ମିଲରମାନେ ଧାନ କ୍ରୟ କରିବେ । ଏହି ପ୍ରସ୍ତାବ ଅନୁଯାୟୀ ଉପସ୍ଥିତ ଚାଷୀମାନେ ସହମତି ପ୍ରକାଶ କରିଥିଲେ।


ଧାନମଣ୍ଡି ଉଦ୍‌ଘାଟନ ପୂର୍ବରୁ ପୂଜାର୍ଚ୍ଚନା କରାଯାଉଛି।

## ଉତ୍ତମ ସ୍ୱାସ୍ଥ୍ୟ ପାଇଁ କ୍ରୀଡ଼ା ଏକାନ୍ତ ଜରୁରୀ

### ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

ନୂଆଗାଁ,୩।୧(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ମୁଖ ହାଇସ୍କୁଲ ପଡ଼ିଆରେ ବୁଧବାର ବ୍ଲକସ୍ତରୀୟ କ୍ରୀଡା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ମାଧ୍ୟମରେ ଉଦ୍‌ଘାଟିତ ଯୁବ କ୍ରୀଡା ଉତ୍ସବରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମୂଖ୍ୟଅତିଥି ଭାବେ ଯୋଗ ଦେଇ ଯୁବତୀଯୁବକମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ପାଇଁ କ୍ରୀଡା ଏକାନ୍ତ ଜରୁରୀ । ତେଣୁ ସମସ୍ତେ ଶିକ୍ଷା ପ୍ରତି ଦୃଷ୍ଟି ଦେବା ସହ କ୍ରୀଡା ପ୍ରତି ଆଗ୍ରହ ସୃଷ୍ଟି କରନ୍ତୁ ବୋଲି କହିଥିଲେ । ଅନ୍ୟଅତିଥିମାନଙ୍କ ମଧ୍ୟରେ ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ନୂଆଗାଁ ବିଡିଓ ବାସୁଦେବ ନାୟକ, ଜିଲା ପରିଷଦ ସଭ୍ୟାଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ , ବ୍ଲକର ସମସ୍ତ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ।



ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ ଶପଥ ପାଠ କରୁଛନ୍ତି।

ଉଦଘାଟନୀ ଦିବସରେ ନୂଆଗାଁ ହାଇସ୍କୁଲ ପଡ଼ିଆ ସମେତ ମାଇଛେଳି ପଞ୍ଚାୟତ ଚିନ୍ତାମଣୀ ବିଦ୍ୟାପୀଠ, ବଡଗୋଠ ପଞ୍ଚାୟତ ଆଞ୍ଚଳିକ ହାଇସ୍କୁଲ , ମାଳିସାହି ଗତିକେଶ୍ୱର ହାଇସ୍କୁଲ, ମହିପୁର ହାଇସ୍କୁଲ ଖେଳ ପଡିଆରେ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଆଜିର ମ୍ୟାଚ୍‌ରେ କୋରଡା କ୍ରିକେଟ ଟିମ , ନୂଆଗାଁ ଏଫ୍‌ଇସିସି ଟିମ. ମାଇଛେଳି ଟିମ୍, ସିକ୍ରିଡା ଟିମ୍ , ଜୋନେକ୍ସ କ୍ରିକେଟ ଟିମ, ବଡଗୋଠ ଚକ୍ରବାଉତି ଟିମ୍ , ଦୁର୍ଦ୍ଧୁରା କ୍ରିକେଟ ଟିମ , ଓ ଢେଙ୍କେଣା କ୍ରିକେଟ ଟିମ୍ ବିଜୟ ଲାଭ କରିଛନ୍ତି । ଉଦଘାଟନୀ ଉତ୍ସବର ସଭା କାର୍ଯ୍ୟ ବିପିଏମ୍ ସସ୍ମିତା ପରିଡ଼ା ଏବଂ କ୍ରୀଡା ଉତ୍ସବ କାର୍ଯ୍ୟକ୍ରମକୁ ଜିପିଓ ସାଧୁଚରଣ ସାହୁ , ସାମାଜିକ ସୁରକ୍ଷା କନିଷ୍ଠ ସହାୟକ ରଘୁନାଥ ସାହୁ ପରିଚାଳନା କରିଥିବା ବେଳେ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# କଣ୍ଟେଇମୁଣ୍ଡି ବାଇଗଣକୁ ଜିଆଇ ଟ୍ୟାଗ୍ ମାନ୍ୟତା

- ଅଗଷ୍ଟ ୩୧ରେ ପ୍ରକାଶ ପାଇଥିଲା ବିଜ୍ଞପ୍ତି
- ଦାବିଦାର ନ ରହିବାରୁ ମିଳିଲା ସଫଳତା
- ଜିଲାର ପ୍ରଥମ ଜିଆଇ ଟ୍ୟାଗ୍ ମାନ୍ୟତା

ନୟାଗଡ଼,୩।୧(ଲୋକନାଥ ମିଶ୍ର)



ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ କଣ୍ଟିଲୋର କଣ୍ଟେଇମୁଣ୍ଡି ବାଇଗଣ ପାଇଲା ଜିଓଗ୍ରାଫିକାଲ୍ ଇଣ୍ଡିକେଶନ(ଜିଆଇ) ଟ୍ୟାଗ୍ ମାନ୍ୟତା। ଜିଆଇ ଟ୍ୟାଗ୍ ନେଇ ୨୦୨୩ ଅଗଷ୍ଟ ୩୧ ଜୋରନାଲ ନଂ. ୧୭୮ରେ ପବ୍ଲିକ୍‌ବିଜ୍ଞପ୍ତିପ୍ରକାଶ ପାଇଥିଲା। ୩ମାସ ମଧ୍ୟରେ ଏନେଇ କେହି ଦାବିଦାର ନ ହେବାରୁ କେନ୍ଦ୍ର ସରକାର କଣ୍ଟେଇମୁଣ୍ଡି ବାଇଗଣକୁ ଜିଆଇ ଟ୍ୟାଗ୍ ମାନ୍ୟତା ଗତ ୨ତାରିଖରେ ପ୍ରଦାନ କରିଛନ୍ତି । କଣ୍ଟେଇମୁଣ୍ଡି ବାଇଗଣକୁ ୭୩୯ ନଂ.ରେ ଜିଆଇ ଟ୍ୟାଗ୍ ମାନ୍ୟତା ମିଳିବା ଓ ଜିଲାର ପ୍ରଥମ ଜିଆଇ ଟ୍ୟାଗ ମାନ୍ୟତା ପରେ ସାଧାରଣରେ ଆନନ୍ଦ ପ୍ରକାଶ ପାଇଛି ।

ଏ ସଂକ୍ରାନ୍ତରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ କୁହନ୍ତି, କଣ୍ଟିଲୋର କଣ୍ଟେଇମୁଣ୍ଡି ବାଇଗଣ ନୟାଗଡ଼ ଜିଲାର ୟୁନିକ ପ୍ରଡକ୍ଟ। ଏହି ବାଇଗଣକୁ ଜିଆଇ ଟ୍ୟାଗ୍ ମାନ୍ୟତା ଦେବା ପାଇଁ ୭୩୯ ନଂ. ଦରଖାସ୍ତରେ ବାଣପୁର ଗାଁର ନୀଳମାଧବ କୃଷି ସଙ୍ଗଠନ ୨୦୨୧ ଫେବୃଆରୀ ୮ ରେ ଆବେଦନ କରିଥିଲେ । ଜିଲା କୃଷି ବିଜ୍ଞାନ ପକ୍ଷରୁ ଏଥି ନିମନ୍ତେ ଆବଶ୍ୟକ କାଗଜପତ୍ର ଓୟୁଏଟି ମାଧ୍ୟମରେ ଜିଓଗ୍ରାଫିକାଲ୍ ଇଣ୍ଡିକେଶନ୍ସ ରେଜିଷ୍ଟ ଚେନ୍ନାଇରେ ଆବେଦନ ହୋଇଥିଲା । କଣ୍ଟେଇମୁଣ୍ଡି ବାଇଗଣ ଉପରେ ଭୁବନେଶ୍ୱରରେ ୩ ଥର ସର୍ଭେ ହୋଇଛି । ଜିଆଇ ଟ୍ୟାଗ୍‌ର ମାନ୍ୟତା ପରେ ବାଣପୁର ଗାଁର ନୀଳମାଧବ କୃଷି ସଙ୍ଗଠନର ଆବେଦନ, ଓୟୁଏଟି ଓ ନୟାଗଡ଼ କୃଷି ବିଜ୍ଞାନ କେନ୍ଦ୍ରର ସହାୟତା, ନୟାଗଡ଼ ପ୍ରଶାସନର ଅଢ଼େଇ ବର୍ଷର ଉଦ୍ୟମ ସଫଳ ହୋଇଛି । ନୟାଗଡ଼ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ସୁଚିସ୍ମିତା ଦ୍ୱିବେଦୀ କୁହନ୍ତି, କଣ୍ଟେଇମୁଣ୍ଡି ବାଇଗଣ ଜିଆଇ ଟ୍ୟାଗ ମାନ୍ୟତା ପାଇବା ଜିଲା ପାଇଁ ଗର୍ବ ଓ ଗୌରବର ବିଷୟ । ଓୟୁଏଟି ତରଫରୁ କୃଷି ବିଜ୍ଞାନ କେନ୍ଦ୍ର ମାଧ୍ୟମରେ ଫାଇଲ ହୋଇଥିଲା । ଜିଆଇ ଟ୍ୟାଗ୍ ଅଫିସ ପକ୍ଷରୁ ଯାହା କିଛି କୋରି ଓ ଅଭିଯୋଗ ମିଳିଥିଲା ତା'ର ସମାଧାନ କରାଯାଇଥିଲା, ଜିଆଇ ଟ୍ୟାଗ ମାନ୍ୟତା ପରେ ୩ ବର୍ଷର ଉଦ୍ୟମ ସଫଳ ହୋଇଛି। ଜିଲା ପ୍ରଶାସନ, ଉଦ୍ୟାନ ବିଭାଗ ସହାୟତା ଓ ଓୟୁଏଟିର ପ୍ରେରଣା ଆମକୁ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥିଲା ।

## କଣ୍ଟେଇମୁଣ୍ଡିର ନିଆରା ସ୍ୱାଦ

ନୟାଗଡ଼ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଅନିଲ କୁମାର ସ୍ୱାଇଁ କୁହନ୍ତି, କଣ୍ଟେଇମୁଣ୍ଡି ବାଇଗଣ ପ୍ରଥମେ କଣ୍ଟିଲୋରେ ହୋଇଥିଲା । ପରେ ଏହା ମହାନଦୀ ପଠା ବଡ଼ବାଣପୁର, ରତନପୁର, ଧାନଚାଙ୍ଗଡା, ଲକ୍ଷ୍ମୀପ୍ରସାଦ, କୁମୁଣ୍ଡି, ଫତେଗଡ଼ରେ ଚାଷ ହୋଇଥିଲା। ଧୀରେ ଧୀରେ ଜିଲାର ବିଭିନ୍ନ ଅଞ୍ଚଳରେ ଏହି ବାଇଗଣ ଚାଷ କରାଯାଇଥିଲା। କଣ୍ଟେଇମୁଣ୍ଡି ବାଇଗଣ ଦେଖିବାକୁ ନୀଳ ରଙ୍ଗର ଓ ଗୋଲାକାର। ଗଛ, ପତ୍ର, ଫଳରେ କଣ୍ଟା ଥାଏ। ଏହାର ଲମ୍ବ ୩.୮୧ ଓ ଓସାର ୧୫ ସେମି । ଗଛର ଉଚ୍ଚତା ୬୧ରୁ ୬୫ ସେମି । ବାଇଗଣ ଛୋଟ ଛୋଟ ହୋଇଥିଲେ ହେଁ ଅଧିକ ମଞ୍ଜି ଥାଏ, କିନ୍ତୁ ଅଧିକ ସ୍ୱାଦିଷ୍ଟ । ବାଇଗଣ ଗଛରେ ୩୦ରୁ ୩୫ ଦିନ ମଧ୍ୟରେ ଫଳ ଆସିଥାଏ । ଗୋଟିଏ ବାଇଗଣ ୪୦ ଗ୍ରାମରୁ ୧୦୦ ଗ୍ରାମ ମଧ୍ୟରେ ହୋଇଥାଏ । ବାଇଗଣ ଗଛର ରୋଗ ନିରାକରଣ ଶକ୍ତି ଅଧିକ ପରିମାଣରେ ଥାଏ । ୧୦୧ ବର୍ଷ ତଳୁ ଜିଲାରେ କଣ୍ଟେଇମୁଣ୍ଡି ଚାଷ ହୋଇ ଆସୁଛି। ଜିଆଇ ଟ୍ୟାଗ୍ ମାନ୍ୟତା ବିଜ୍ଞପ୍ତିର ୩ ମାସ ପରେ କେହି ଦାବିଦାର ନ ହେବାରୁ ନୟାଗଡ ଜିଲାର ଏହି ସ୍ୱାଦିଷ୍ଟ ବାଇଗଣ ଜିଆଇ ଟ୍ୟାଗ ମାନ୍ୟତା ପାଇଛି ବୋଲି ସେ କହିଛନ୍ତି ।

# ଲିକୁନ୍,ସୁହାନୀଙ୍କ ନୃତ୍ୟରେ ଝୁମିଲେ ଦର୍ଶକ



ଭଣ୍ଡାର ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଲୁକୁନ ଓ ସୁହାନୀଙ୍କ ନୃତ୍ୟ।

ଶରଣକୂଳ,୩।୧(ଦୀପକ କର)

- ପରମ୍ପରା ବଜାୟ ରଖିଛି ଲୋକକଳା
- ଭଣ୍ଡାର ମହୋତ୍ସବର ଚତୁର୍ଥ ସନ୍ଧ୍ୟା

ବୁଧବାର ଥିଲା ଶରଣକୁଳ ଭଣ୍ଡାର ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାର ଚତୁର୍ଥ ସନ୍ଧ୍ୟା। ଏହି ଅବସରରେ ଆୟୋଜିତ ସଭାରେ ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନଙ୍କ ସଭାପତିତ୍ୱ କରିଥିବା ବେଳେ, ମୁଖ୍ୟଅତିଥି ଭାବେ ନୟାଗଡ଼ ବିଧାୟକ ଡ.ଅରୁଣ ସାହୁ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଗୋଡ଼ିପଡ଼ା ଜିଲା ପରିଷଦ ସଭ୍ୟା ସଂଯୁକ୍ତା ପଡ଼ିହାରୀ, ଶରଣକୂଳ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ, ଗୋଡିସାହି ସରପଞ୍ଚ ଦୀପ୍ତି ରଞ୍ଜନ ପରିଡ଼ା ଓ ସ୍ୱର୍ଣ୍ଣ ଗ୍ରୁପ ଅଫ୍ ହସ୍ପିଟାଲସର ଅଧ୍ୟକ୍ଷ ଡା.ପ୍ରିୟବ୍ରତ ଧୀର ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ପ୍ରଭୁ ଲଡୁବାବାଙ୍କ ନିକଟରେ ପୁଷ୍ପମାଲ୍ୟ ଅର୍ପଣ, ପ୍ରଦୀପ ପ୍ରଜ୍ୱଳନ, ଆସନ ଗ୍ରହଣ କରିଥିଲେ। ମୁଖ୍ୟଅତିଥି ତାଙ୍କ ବକ୍ତବ୍ୟରେ ଲଡୁବାବାଙ୍କ ଅପାର କରୁଣାରୁ ଆୟୋଜକଙ୍କ ବଳିଷ୍ଠ ନେତୃତ୍ୱ ଏବଂ କଠିନ ପରିଶ୍ରମ ଯୋଗୁ ଏହି ମହୋତ୍ସବ ଅତ୍ୟନ୍ତ ସରସ ସୁନ୍ଦର ହେବାରେ ଲାଗିଛି ବୋଲି କହିଥିଲେ। ପରେ ମୁଖ୍ୟ ଅତିଥି ଡ.ସାହୁ ସ୍ୱର୍ଣ୍ଣ ଗ୍ରୁପ ଅଫ ହସ୍ପିଟାଲସର ଅଧ୍ୟକ୍ଷ ଡା.ଧୀରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ଆଜିର ଶୀତୁଆ ସନ୍ଧ୍ୟାରେ ଖୋଲା ଆକାଶ ରଙ୍ଗମଞ୍ଚରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣରେ ଦର୍ଶକମାନେ ବିଭୋର ହୋଇଥିଲେ। ଆଜିର ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟ ଆକର୍ଷଣ ଥିଲା ପୁରୀର ଫାୟାର ଡ୍ୟାନ୍ସ ଯାହାକି ଦର୍ଶକଙ୍କୁ ବିମୋହିତ କରିଥିଲା। ସେହିପରି ସିରିଏଲ ଅଭିନେତା ଲିକୁନ ଓ ଭାଗ୍ୟ ହାତରେ ଡୋରି ସିରିଏଲର ଅଭିନେତ୍ରୀ ସୁହାନି ଦର୍ଶକଙ୍କୁ ତାଙ୍କ ପ୍ରଦର୍ଶନରେ ବାନ୍ଧି ରଖିଥିଲେ। ସଂସ୍କୃତି ଓ ପରମ୍ପରାକୁ ଯୁବପୀଢ଼ିମାନଙ୍କୁ ଅବଗତ କରାଇବା ସହ ଲୁକ୍କାୟିତ ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ଏହି ମହୋତ୍ସବର ଲକ୍ଷ୍ୟ ବୋଲି ମତ ପ୍ରକାଶ ପାଇଥିଲା। ବିଶେଷ ଭାବେ ବିଭିନ୍ନ ଖାଦ୍ୟ ଷ୍ଟଲରେ ଗ୍ରାହକମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମ ଗୁଡିକୁ ନୀଳମାଧ ମିଶ୍ର ଉପସ୍ଥାପନ କରିଥିବା ବେଳେ ମହୋତ୍ସବ କମିଟି ଉପସଭାପତି ଭାଗବତ ସେଠୀ, ସମ୍ପାଦକ ରବିନ୍ଦ୍ର ମହାପାତ୍ର, ସହ ସମ୍ପାଦକ ବଳଭଦ୍ର ସ୍ୱାଇଁ, ରାମପ୍ରସାଦ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଗୋଟିଏ ରାତିରେ ୨ ଘରୁ ଚୋରି

ନୂଆଗାଁ,୩।୧(ଧନେଶ୍ୱର ସାହୁ)

**ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା ଦାବି**

ନୟାଗଡ଼ ଜିଲା ନୂଆଗାଁ ଥାନା ନୂଆଗାଁ ଗଦାଧରପୁର ଗ୍ରାମରେ ମଙ୍ଗଳବାର ରାତି ଦୁଇଟି ଘରୁ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଗଦାଧରପୁର ଗ୍ରାମର ସୁବାସ ଚନ୍ଦ୍ର ଖଣ୍ଡୁଆଳ ଘରେ ତାଲା ପକାଇ ପରିବାର ଲୋକଙ୍କ ସହ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ.ଜାତୀୟ ରାଜପଥ ପାର୍ଶ୍ୱକୁ ଲାଗି ରହିଥିବା ସୁବାସଙ୍କ ଘରର ତାଲା କାଟି କେହି ତାଙ୍କ ଘରେ ପଶି ଥିଲେ। ଘରେ କେହି ନ ଥିବାର ସୁଯୋଗରେ ଘରର ଗଡ୍ରେଜ ଆଲମାରି ଭାଙ୍ଗି ସେଥିରେ ଥିବା ଗୋଟିଏ ରାଣୀ ହାର ସମେତ ବହୁ ସୁନା ଅଳଙ୍କାର ସହ ନଗଦ ୧୦ ହଜାର ଟଙ୍କା ଲୁଟି ନେଇଥିଲେ।

ସେହି ଗ୍ରାମର ପ୍ରେମଲତା ଷଡ଼ଙ୍ଗୀଙ୍କ ଘରେ କେହି ନ ଥିବାର ସୁଯୋଗ ନେଇ ଚୋରମାନେ ତାଙ୍କ ଘରର ଗ୍ରୀଲ ଓ କବାଟ ତାଲା ଭାଙ୍ଗି ଘରେ ପଶିଥିଲେ । ପରେ ପ୍ରତି ଘରର ତାଲା ଓ ଗଡ୍ରେଜ ଭାଙ୍ଗି ଖୋଜାଖୋଜି କରିଥିଲେ । ତେବେ ଘରର ମାଲିକ ସେଠାରେ ରହୁ ନ ଥିବାରୁ ସେଠାରେ କୌଣସି ଦାମୀ ଜିନିଷ କିମ୍ବା ଟଙ୍କା ସୁନା ନ ଥିବାରୁ ଖାଲି ହାତରେ ଫେରି ଯାଇଥିଲେ । ଅଭିଯୋଗ ପାଇ ନୂଆଗାଁ ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି । ପ୍ରତି ବର୍ଷ ଏହି ସମୟରେ ନୂଆଗାଁ ଥାନା ଅଞ୍ଚଳରୁ ବାରମ୍ବାର ଚୋରି ହେଉଛି । ନୂଆଗାଁ ଥାନା ପୋଲିସ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରିବାକୁ ଦାବୀ ହେଉଛି । ଏଥି ସହିତ ରାସ୍ତା ଆଲୋକ ବ୍ୟବସ୍ଥାରେ ସୁଧାର ଆଣାଯାଉ ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ତେବେ ଲୋକଙ୍କ ଧନ ଜୀବନ ସୁରକ୍ଷା ପାଇଁ ପୋଲିସ ପକ୍ଷରୁ ଚେଷ୍ଟା କରାଯାଉଛି । ଜନ ସାଧାରଣ ମଧ୍ୟ ସଜାଗ ରୁହନ୍ତ, ଅଜଣା ଅଚିହ୍ନା ବ୍ୟକ୍ତିଙ୍କ ପ୍ରତି ସନ୍ଦେହ ହେଲେ ପୋଲିସକୁ ଖବର ଦିଅନ୍ତୁ । ପୋଲିସକୁ ଜନସାଧାରଣ ସହଯୋଗ କରନ୍ତୁ ବୋଲି ନୂଆଗାଁ ଥାନାଧିକାରୀ ନାରାୟଣ ଚନ୍ଦ୍ର ଲେଙ୍କା କହିଛନ୍ତି ।



ସୁବାସଙ୍କ ଘରେ ଗଡ୍ରେଜ ଭାଙ୍ଗି ଚୋରି ହୋଇଛି ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଦୀପାଞ୍ଜଳି



@ ପ୍ରତ୍ୟୁଷ



@ ସଦାନନ୍ଦ



@ ରଞ୍ଜନ



@ ସୁନୀଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କୋମଣ୍ଡରେ ବିଜେଡି କର୍ମୀ ସମ୍ମିଳନୀ

ଓଡଗାଁ,୩।୧
(ଆଦର୍ଶ କୁମାର ପଟ୍ଟନାୟକ )

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ କୋମଣ୍ଡ ପଞ୍ଚାୟତରେ ବିଜେଡି ତରଫରୁ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ବ୍ଲକ ବିଜେଡି ସଭାପତି ସୂର୍ଯ୍ୟନାରାୟଣ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ବିଧାୟକ ଅରୁଣ କୁମାର ସାହୁ ଉପସ୍ଥିତ ରହି କର୍ମୀମାନଙ୍କୁ ଆଗାମୀ ନିର୍ବାଚନ ପାଇଁ ସଦା ପ୍ରସ୍ତୁତ ରହିବା ସହିତ ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ହେଉଥିବା ବିକାଶ ମୂଳକ ଯୋଜନା ସମ୍ପର୍କରେ ଲୋକଙ୍କୁ ସୂଚନା ପ୍ରଦାନ ଜାରିବାକୁ ପରାମର୍ଶ ଦେଇଥିଲେ । ସର୍ବୋପରି ଲୋକସମ୍ପର୍କ କ୍ଷୁର୍ଣ୍ଣ ନ କରିବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ଉପାଧ୍ୟକ୍ଷା ମୀରା ନାୟକ, ଜିଲା ପରିଷଦ ସଦସ୍ୟା ଝିଲି ପ୍ରଧାନ, ବିରଜାଲକ୍ଷ୍ମୀ ସାହୁ, ଉପ ସଭାପତି ନିତ୍ୟାନନ୍ଦ ପ୍ରଧାନ, ବିଭୂପ୍ରସାଦ ସାହୁ ଓ ସରପଞ୍ଚ ଦୀପିକା ସେଠୀ ସମେତ ବହୁ ସଂଖ୍ୟାରେ ମହିଳା କର୍ମୀ ଉପସ୍ଥିତ ଥିଲେ । କର୍ମୀ ସମ୍ମିଳନୀର ଅବ୍ୟବହତି ପୂର୍ବରୁ ବିଧାୟକ ସାହୁ କର୍ମୀଙ୍କ ଗହଣରେ ଯାଇ ପଞ୍ଚାୟତ କାର୍ଯ୍ୟାଳୟ ନୂତନ କୋଠା, କଲ୍ୟାଣ ମଣ୍ଡପ ଓ ପ୍ରାଥମିକ ବିଦ୍ୟାଳୟ କୋଠା ଉଦ୍‌ଘାଟନ କରିଥିଲେ ।




କର୍ମୀ ସମ୍ମିଳନୀରେ ବିଧାୟକ ଓ ଅନ୍ୟମାନେ।

# ବନ୍ୟପ୍ରାଣୀ ରେଞ୍ଜରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଦିବାସୀଙ୍କ ବିକ୍ଷୋଭ

ନୟାଗଡ଼/ଗଣିଆ,୩।୧(ଲୋକନାଥ ମିଶ୍ର/ସନ୍ତୋଷ କୁମାର ପ୍ରଧାନ)

- ଡିଏଫ୍‌ଓଙ୍କ ଅନୁମତି ନ ଥିବାରୁ ଗାଁକୁ ନଳକୂପ ଗାଡ଼ି ଛାଡି ନ ଥିଲେ ରେଞ୍ଜର
- ସଲପଗଣ୍ଡା ଓ ମୂଷିଗୁଡା ଗାଁରେ ଖନନ ହୋଇ ପାରିଲାନି ନଳକୂପ

ନୟାଗଡ଼ ଜିଲା ଗଣିଆ ବ୍ଲକ ବଡଶିଲିଙ୍ଗା ପଞ୍ଚାୟତ ଅନ୍ତର୍ଗତ ଆଦିବାସୀ ଗାଁ ସଲପଗଣ୍ଡା ଓ ମୂଷିଗୁଡା ଗ୍ରାମକୁ ନଳକୂପ ଖନନ ପାଇଁ ଗତ ମଙ୍ଗଳବାର ଯାଉଥିବା ନଳକୂପ ଗାଡ଼ିକୁ ଛାମୁଣ୍ଡିଆ ବନ୍ୟପ୍ରାଣୀ ତନଖି ଫାଟକ ନିକଟରେ ଛାମୁଣ୍ଡିଆ ବନ୍ୟପ୍ରାଣୀ ରେଞ୍ଜର ଫେରାଇବା ଘଟଣା ଆନ୍ଦୋଳନର ରୂପ ନେଇଛି । ପ୍ରତିବାଦରେ ବୁଧବାର ଉଭୟ ଗ୍ରାମର ୩୦ଜଣ ମହିଳା ଓ ପୁରୁଷ ଛାମୁଣ୍ଡିଆ ବନ୍ୟପ୍ରାଣୀ ରେଞ୍ଜରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ । ବିକ୍ଷୋଭ ସ୍ଥଳକୁ ବନ୍ୟପ୍ରାଣୀ ବିଭାଗର କୌଣସିବିଭାଗୀୟ ଅଧିକାରୀ ଆସିନ ଥିଲେ । ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ କୁଶଙ୍ଗ ଦେଇ ନୟାଗଡ଼ କାର୍ଯ୍ୟାଳୟକୁ ଚାଲିଯିବା ପରେ ୨ ଗାଁର ଆଦିବାସୀ ବିକ୍ଷୋଭ ପ୍ରତ୍ୟାହାର କରି ଘରକୁ ଫେରିଥିଲେ ।




ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ଆଦିବାସୀମାନେ ଧାରଣାରେ ବସିଛନ୍ତି।

ସଲପଗଣ୍ଡା ଓ ମୂଷିଗୁଡା ଗାଁର ଆଦିବାସୀଙ୍କ ଅଭିଯୋଗ ଅନୁଯାୟୀ, ଦୁଇ ଗାଁକୁ ସବୁଦିନିଆ ରାସ୍ତା ନାହିଁ। ପୁଣି ବିଦ୍ୟୁତ୍ କ'ଣ ଆଦିବାସୀ ଜାଣନ୍ତି ନାହିଁ । ସୋଲାର ଲାଇଟ୍ ଅଚଳ ହୋଇ ରହିଛି । ଦୁଇ ଗାଁରେ ନଳକୂପ ଖନନ, ଗାଁରେ ଅଙ୍ଗନୱାଡି କେନ୍ଦ୍ର ସ୍ଥାପନ, ଆଶା କର୍ମୀ ନିଯୁକ୍ତି ପରି ଦାବି ରହିଛି । ସେହିଭଳି ପଞ୍ଚାୟତରୁ ରାଶନ ସାମଗ୍ରୀ ନ ଆଣି ଗାଁରେ ବ୍ୟବସ୍ଥା, ଟେଲିଫୋନ ଟାୱାର ପ୍ରତିଷ୍ଠା, ଆଦର୍ଶ ଗୁହାଳ ସ୍ଥାପନ, ସ୍ୱଚ୍ଛ ଭାରତରେ ପାଇଖାନା ନିର୍ମାଣ, ଆବସ ଯୋଜନାରେ ଘର ଯୋଗାଇବା ପରି ଦାବି ରହିଛି । ଦୁଇ ଗାଁର ଆଦିବାସୀ ଗତ ନଭେମ୍ବର ୮ରେ ଜିଲାପାଳଙ୍କ ସମେତ ଆରଡବ୍ଲ୍ୟୁଏସ୍ଏସ୍ ନିର୍ବାହୀଯନ୍ତ୍ରୀ ଓ ବିଦ୍ୟୁତ୍ ବିଭାଗର ନିର୍ବାହୀଯନ୍ତ୍ରୀଙ୍କୁ ଭେଟି ଅଭିଯୋଗ କରିଥିଲେ । ଅନ୍ୟପକ୍ଷେ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଡିଏଫ୍‌ଓ ନୟାଗଡ଼, ଜିଲା ପରିଷଦ ସଭାପତି, ମୁଖ୍ୟ ଶାସନ ସଚିବ, ପଞ୍ଚାୟତରାଜ ଓ ପାନୀୟ ଜଳ ଯୋଗାଣ ପ୍ରମୁଖ ଶାସନ ସଚିବ, ଜଙ୍ଗଲ ଓ ପରିବେଶ ବିଭାଗ ପ୍ରମୁଖ ଶାସନ ସଚିବ, ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ, ପ୍ରମୁଖ ବନ ସଂରକ୍ଷକ, ରାଜସ୍ୱ କମିଶନଙ୍କୁ ଅନୁରୂପ ଭାବେ ସ୍ମାରକପତ୍ର ପ୍ରଦାନ କରିଥିଲେ । ମୂଷିଗୁଡ଼ା ଗାଁର ଲକ୍ଷ୍ମୀ ଜାନୀ ଓ ପ୍ରତିମା ଜାନୀ କୁହନ୍ତି,ସଲପଗଣ୍ଡା ଓ ମୂଷିଗୁଡ଼ା ଗାଁରେ ବିଦ୍ୟୁତ୍ ଜଳିବ ବୋଲି ଜିଲାପାଳ କହିଥିଲେ। ଗାଁକୁ ହେବ ସବୁଦିନିଆ ରାସ୍ତା ଓ ସର୍ବନିମ୍ନ ସୁବିଧା ଦୂର ହେବାକୁ ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ମଙ୍ଗଳବାର ଆମ ଦୁଇ ଆଦିବାସୀ ଗାଁରେ ନଳକୂପ ଖନନ ପାଇଁ ନଳକୂପ ଗାଡ଼ି ଆସୁଥିଲା । ତେବେ ଛାମୁଣ୍ଡିଆ ବନ୍ୟପ୍ରାଣୀ ରେଞ୍ଜର ଅଭୟାରଣ୍ୟ ଅଞ୍ଚଳକୁ ନଳକୂପ ଗାଡି ଯାଇ ପାରିବ ନାହିଁ କହି ଫେରାଇ ଦେଇଥିଲେ । ଦୁଇ ଗାଁର ଲୋକ ପାନୀୟ ଜଳ ପାଇଁ କିପରି ଅଭିଶପ୍ତ ଜୀବନଯାପନ କରୁଛନ୍ତି ସେନେଇ ରେଞ୍ଜର ସବୁ ଜାଣି ନିର୍ଦ୍ଦୟ ହେବାରୁ ଆନ୍ଦୋଳନ କରିବାକୁ ବାଧ୍ୟ ହୋଇଥିଲେ । ସଲପଗଣ୍ଡା ଗାଁର ହୀରା ପ୍ରଧାନ କୁହନ୍ତି, ଦୁଇ ଆଦିବାସୀ ଗାଁରେ ବହୁ ଅସୁବିଧା ରହିଥିବାବେଳେ ପାନୀୟ ଜଳ, ରାସ୍ତା ଓ ବିଦ୍ୟୁତ୍ ପ୍ରମୁଖ ସମସ୍ୟା ଭାବେ ଦେଖାଦେଇଛି । ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଡିଏଫ୍‌ଓ, ଛାମୁଣ୍ଡିଆ ବନ୍ୟପ୍ରାଣୀ ରେଞ୍ଜର ଓ ବନକର୍ମଚାରୀ ଗତ ନଭେମ୍ବର ୩ ତାରିଖରେ ମୂଷିଗୁଡ଼ା ଗ୍ରାମରେ ବୈଠକ କରାଇ ବଡ଼ମୂଳ ବଡ଼ଶିଲିଙ୍ଗା ରାସ୍ତାର ବାଟ ପଣ୍ଡେଇଠାରୁ ୨ଗ୍ରାମକୁ ସଂଯୋଗ କରୁଥିବା ୧୧କିଲୋମିଟର ରାସ୍ତା ଓ ନଳକୂପ ଖୋଳିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ତେବେ ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ନଳକୂପ ଗାଡିକୁ କେଉଁ କାରଣ ଯୋଗୁ ଛଡାଗଲା ନାହିଁ । ୨ ଗ୍ରାମବାସୀ ଡିଏଫ୍‌ଓଙ୍କୁ ଆନ୍ଦୋଳନ ସ୍ଥଳରେ ଅପେକ୍ଷା କରି ରହିଥିବାବେଳେ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ କୁଶଙ୍ଗ ଦେଇ ନୟାଗଡ଼ କାର୍ଯ୍ୟାଳୟକୁ ଚାଲିଯିବା କେତେଦୂର ଠିକ୍ । ବନ୍ୟପ୍ରାଣୀ ବିଭାଗ ଆଦିବାସୀଙ୍କ ଅଭିଯୋଗୁ ଅଣଦେଖା କରିବା ପରେ ବାଧ ହୋଇ ହାଇକୋର୍ଟ ଯିବୁ ବୋଲି କହିଛନ୍ତି । ଛାମୁଣ୍ଡିଆ ରେଞ୍ଜର ମୌସୁମୀ ବେହେରା କୁହନ୍ତି,୨ଗ୍ରାମବାସୀଙ୍କ ସହ ଆଲୋଚନା କରାଯାଇଛି । ଡିଏଫ୍‌ଓଙ୍କ ଅନୁମତି ପତ୍ର ମିଳିଲା ପରେ ନଳକୂପ ଗାଡ଼ି ଛଡାଯିବ ।

